## ସଂକ୍ଷେପରେ

### ଅଚିହ୍ନା ଯୁବତୀଙ୍କ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ,୧୧।୬(ସ୍ୱ.ପ୍ର.)-ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅମୃତମଣୋହି ପଞ୍ଚାୟତର ଜଗନ୍ନାଥପୁର ନିକଟରେ ବ୍ରାହ୍ମଣୀ ନଦୀରେ ଭାସୁଥିବା ଏକ ଯୁବତୀଙ୍କ ମୃତଦେହକୁ ପଟ୍ଟାମୁଣ୍ଡାଇ ପୋଲିସ ଜବତ କରିଛି । ଯୁବତୀ ଜଣକ ଚୂଡ଼ିଦାର ପିନ୍ଧିଥିବାବେଳେ ଆନୁମାନିକ ବୟସ ୧୭ରୁ ୧୮ ବର୍ଷ ହେବ। ସ୍ଥାନୀୟ ଲୋକେ ନଦୀରେ ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖି ଚଉଦକୁଲାଟ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ପଟ୍ଟାମୁଣ୍ଡାଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୨) ରୁଜୁ ହୋଇଛି । ମୃତ ଯୁବତୀଙ୍କ ଘର କେନ୍ଦ୍ରାପଡ଼ା ଅଞ୍ଚଳରେ ବୋଲି କୁହାଯାଉଛି । ହେଲେ ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅଦ୍ୟାବଧି ତାଙ୍କର ପ୍ରକୃତ ପରିଚୟ ମିଳିପାରିନାହିଁ । ପୋଲିସ ତଦନ୍ତ ଜାରି ରଖିଛି ।

### ୩ ସେବା ସମବାୟ ସମିତିରେ ୩୧ ପ୍ରାର୍ଥିପତ୍ର ନାକଚ

ରାଜନଗର,୧୧।୬(ଡି.ଏନ.ଏ.)

ଜୁନ୍ ୨୬ରେ ହେବାକୁ ଥିବା ସମବାୟ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଶନିବାର ପ୍ରକାଶ ପାଇଛି। ରାଜନଗର ବ୍ଲକର ୭ ସେବା ସମବାୟ ସମିତିରେ ଜୁନ୍ ୧୯ରେ ଓ ରାଜନଗର, ଭାଟପଡା, ଡେରା, କୁରୁଣ୍ଟି, ଡାଙ୍ଗମାଳ, ଗୋପାଳପୁର, ଫିଙ୍ଗିକିଦାଣ୍ଡି ଆଦି ଅନ୍ୟ ୭ଟି ସେବା ସମବାୟ ସମିତିରେ ଜୁନ୍ ୨୬ରେ ଭୋଟ ଗ୍ରହଣ ହେବ। ଜୁନ୍ ୨୬ରେ ହେବାକୁ ଥିବା ସମବାୟ ନିର୍ବାଚନ ପାଇଁ ଜୁନ୍ ୬ରେ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ଶନିବାର ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ରବିବାର ମନୋନୟନ ପତ୍ର ପ୍ରତ୍ୟାହାର ପରେ ୧୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

ଭାଟପଡା ସେବା ସମବାୟ ସମିତିର ୧୫ ଜୋନ ମଧ୍ୟରୁ ୧୩ ଜୋନ ପାଇଁ ୨୭ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ୩ ଜୋନର ପ୍ରସ୍ତାବକ ଓ ସମର୍ଥକମାନେ ଆମ ନାମ ଓ ଦସ୍ତଖତ ଜାଲିଆତି କରି ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ଅଭିଯୋଗ କରିବା ପରେ ମନୋନୟନପତ୍ର ଯାଞ୍ଚ କରାଯାଇ ନଗେନ୍ଦ୍ର ପାତ୍ର, ନିଧିରାମ ରାଉତ ଓ ଗୀତାଳି ମହାନ୍ତିଙ୍କ ପ୍ରାର୍ଥୀପତ୍ର ନାକଚ କରାଯାଇଛି। ୨ ଜୋନ ପାଇଁ କେହି ପ୍ରାର୍ଥୀ ନ ଥିବା ବେଳେ ୩ ଜୋନ୍ ରେ ୩ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏବେ ୧୦ ଜୋନ ପାଇଁ ୨୪ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଫିଙ୍ଗିକିଦାଣ୍ଡି ସେବା ସମବାୟସମିତିରେ ୩୦ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ଜଣଙ୍କ ପ୍ରାର୍ଥୀ ପତ୍ର ଯାଞ୍ଚ ପରେ ନାକଚ ହୋଇଛି । ଏବେ ୧୫ଟି ଜୋନ୍ ପାଇଁ ୧୬ଜଣ ପ୍ରାର୍ଥୀ ରହିଛନ୍ତି । ୧୪ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ କେବଳ ୫ନମ୍ବର ଜୋନ୍ ପାଇଁ ଲଢେଇ ହେବ। ସେହିପରି ଡାଙ୍ଗମାଳ ସେବା ସମବାୟ ସମିତିରେ ୧୫ ଜୋନ୍ ପାଇଁ ୨୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରଥମ ଦିନରୁ ୫ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଯାଞ୍ଚ ପରେ ୨୭ଟି ପ୍ରାର୍ଥୀ ପତ୍ର ମଧ୍ୟରୁ ୧୪ଟି ନାକଚ ହୋଇଯାଇଛି। ୧୩ଟି ଜୋନ୍‌ରେ ୧୩ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୨ ଜୋନ୍‌ରେ ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି।

# ରଥ ଉଚ୍ଚତା, ରସାବଳିକୁ ଜିଆଇ ଟ୍ୟାଗ୍ ଦାବି ତେଜିଲା

- ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ
- ବିଶ୍ୱର ସର୍ବୋଚ୍ଚ ରଥ ମାନ୍ୟତାର ତନଖି ଦାବି
- ଅନଙ୍ଗଭୀମ ଦେବଙ୍କ ସମୟରୁ ରସାବଳି ଭୋଗ
- ଅଣ୍ଟା ଭିଡ଼ିଲା ବଳଦେବ ସେନା ଓ ମିଷ୍ଟାନ୍ନ ନିର୍ମାତା ସଂଘ

କେନ୍ଦ୍ରାପଡ଼ା ଅଫିସ, ୧୧।୬



ଶ୍ରୀବଳଦେବଜୀଉଙ୍କ ରଥ ।



ରସାବଳି ପ୍ରସ୍ତୁତି ଚାଲିଛି ।

ଆସନ୍ତା ଜୁଲାଇ ୧ରେ ରଥଯାତ୍ରା। ଏହାପୂର୍ବରୁ ରଥର ଉଚ୍ଚତା ଓ କେନ୍ଦ୍ରାପଡ଼ା ରସାବଳିର ସ୍ଥାନୀୟ ଭୌଗଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ)ର ଟ୍ୟାଗ୍‌କୁ ନେଇ ସ୍ୱର ଉଠିଛି। ବିଶ୍ୱର ସର୍ବୋଚ୍ଚ ରଥର ମାନ୍ୟତା କେନ୍ଦୁଝରର ନନ୍ଦିଘୋଷ ରଥ କିପରି ପାଇଲା ବୋଲି ବଳଦେବ ସେନା ପ୍ରତିବାଦ କରିଛି । ସେହିପରି ରସାବଳୀ ମିଷ୍ଟାନ୍ନ ନିର୍ମାତା ସଂଘ ପକ୍ଷରୁ ଜିଆଇ ଟ୍ୟାଗ୍ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଦୁଇଟି ପ୍ରସଙ୍ଗକୁ ନେଇ ଦୁଇ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି।

ବଳଦେବ ସେନାର ସଭାପତି ପପୁନ ସ୍ୱାଇଁ କହିଛନ୍ତି, କେନ୍ଦୁଝରର ଶ୍ରୀ ବଳଦେବଜୀଉଙ୍କ ପାଇଁ ରାଜାଙ୍କ ଦ୍ୱାରା ନିର୍ମିତ ରଥର ଉଚ୍ଚତା ୨୦୧୬ ସୁଦ୍ଧା ୬୦ ଫୁଟ ଥିଲା । ଏହା ପୂର୍ବରୁ ଏହି ରଥର ଉଚ୍ଚତା ୪୩ ଫୁଟ ଥିବା ବିଭିନ୍ନ ତଥ୍ୟରୁ ସୂଚନା ମିଳିଛି । ଅପରପକ୍ଷେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଆବହମାନ କାଳରୁ ୪୩ ହାତ ୯ ଅଙ୍ଗୁଳି ବା ୬୫ ଫୁଟ୍ । ତେବେ କେନ୍ଦୁଝର ରଥକୁ ୨୦୧୬ ପରେ ଶିଳ୍ପଶାସ୍ତ୍ର ଅଥବା ସରକାରଙ୍କ ବିନା ଅନୁମତିରେ ୭୨ ଫୁଟ ଉଚ୍ଚତା କରାଯାଇଛି । ଏହା ସାଂସ୍କୃତିକ କାର୍ଯ୍ୟର ପରିପନ୍ଥୀ ବୋଲି ସଭାପତି ସ୍ୱାଇଁ କହିଛନ୍ତି । ଗବେଷକ ନିରଞ୍ଜନ ମେକାପ ଓ ଡ. ଅନୀତା ସାବତ କହିଛନ୍ତି, ମହାରାଜା ଅନଙ୍ଗଭୀମଦେବଙ୍କ ସମୟରୁ ତୁଳସୀକ୍ଷେତ୍ରରେ ରସାବଳୀ ନୈବେଦ୍ୟ ଅର୍ପଣ ହୋଇଆସୁଛି । ଏହି ମିଷ୍ଟାନ୍ନର କେନ୍ଦ୍ରାପଡ଼ା ସଂପୃକ୍ତି ସମ୍ପର୍କରେ ଛନ୍ଦପୁରାଣ, ଦାଣ୍ଡି ରାମାୟଣ, ଗଙ୍ଗବଂଶାନୁଚରିତର କେତେକ ଛନ୍ଦ ଓ ଜଣାଣରେ ଅଛି । ଶ୍ରୀଜୀଉଙ୍କ ନିତ୍ୟଭୋଗ ଭାବେ ପରିଚିତ ଏହି ମିଷ୍ଟାନ୍ନର ଉତ୍ପତ୍ତିସ୍ଥଳ କେନ୍ଦ୍ରାପଡ଼ା ବୋଲି ସେମାନେ ଦାବି କରିଛନ୍ତି । ସହରର କେଶପୁର ବଜାରର ବର୍ଷିଆନ ରସାବଳୀ ନିର୍ମାତା ବୈଷ୍ଣବ ପଣ୍ଡା କୁହନ୍ତି, ପୂର୍ବରୁ ଏହା କେବଳ ମନ୍ଦିର ପରିସରରେ ନିର୍ମିତ ହୋଇ ଶ୍ରୀଜୀଉଙ୍କୁ ପ୍ରତ୍ୟେହ ୩୨ଟି ରସାବଳୀ ଲାଗି ହେଉଥିଲା । ଏବେ କେନ୍ଦ୍ରାପଡ଼ା ସହର ସମେତ ରାଜ୍ୟର ବିଭିନ୍ନ ମେଳା ମହୋତ୍ସବରେ ଦେଖିବାକୁ ମିଳୁଛି । ବୁଦ୍ଧିଜୀବୀ ଭୁବନ ମୋହନ ଜେନା କୁହନ୍ତି, ଜିଆଇ ଟ୍ୟାଗ୍ ମିଳିଲେ ବ୍ରାଣ୍ଡ ଭ୍ୟାଲୁ ବଢ଼ିଥାଏ । ମୌଳିକ ଦ୍ରବ୍ୟର ବ୍ୟବସାୟ ବଢ଼ିବା ସହିତ ଅପବ୍ୟବହାର ଉପରେ ରୋକ୍ ଲାଗିଥାଏ । ପ୍ରଚାର ପ୍ରସାର ଫଳରେ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶ ହୋଇଥାଏ । କେନ୍ଦ୍ରାପଡ଼ା ଜିଲାର ପରିଚୟ ଭାବେ ଶ୍ରୀବଳଦେବଜୀଉ, ଜାତୀୟଉଦ୍ୟାନ ଭିତରକନିକା ସହିତ ରସାବଳୀ ମିଠା ଅଛି । ଜିଆଇ ଟ୍ୟାଗ୍ ପାଇଁ ପୂର୍ବରୁ ରସଗୋଲାକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଏହି ସ୍ୱିକୃତୀ ରସାବଳୀ ନିର୍ମାତାଙ୍କ ସମସ୍ତ ସମସ୍ୟାର ସମାଧାନ କରୁ ନ ଥିଲେ ମଧ୍ୟ ଏକ ଆତ୍ମତୃପ୍ତି ମିଳିପାରିବ ବୋଲି ସେ ମତ ଦେଇଛନ୍ତି । ରସାବଳୀ ନିର୍ମାତା ସଂଘର ଆବାହକ ସରୋଜ କୁମାର ମହାନ୍ତି କୁହନ୍ତି, ଏବେ ସଙ୍ଗଠନକୁ ସୁଦୃଢ଼ କରିବା, ଜିଆଇ ଟ୍ୟାଗ୍‌ର ସମସ୍ତ ମାନକୁ ପୂରଣ କରିବା ପାଇଁ ଗବେଷଣା ଉପରେ ଧ୍ୟାନ ଦେବା ଓ ସରକାରୀସ୍ତରରେ ଏନେଇ ପ୍ରସ୍ତାବ ଉପସ୍ଥାପନକୁ ଗୁରୁତ୍ୱ ଦିଆଯାଇଛି । ଏଥିସହ ବିଭିନ୍ନ ସମୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହେଉଛି। ଅନ୍ୟ କେହି ରସାବଳୀକୁ ନିଜର ମୌଳିକ ମିଷ୍ଟାନ୍ନ କହିବା ପୂର୍ବରୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ସଂଘ ପକ୍ଷରୁ ସେ ଦାବି କରିଛନ୍ତି ।

### 'ଗାଁ ପାଇଁ ଘଣ୍ଟାଟିଏ' କାର୍ଯ୍ୟକ୍ରମ



ରଘୁନାଥପୁର,୧୧।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ସରପଞ୍ଚ ବଟକୃଷ୍ଣ ନାୟକଙ୍କ ଉଦ୍ୟମରେ' ଗାଁ ପାଇଁ ଘଣ୍ଟାଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କରଡ଼ା ଗ୍ରାମବାସୀ ସହଯୋଗ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ନିମନ୍ତେ ସଂକଳ୍ପ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ କରଡ଼ା ଗାଁର ବହୁ ଲୋକ ଏକତ୍ରିତ ହୋଇ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଖେଳପଡ଼ିଆ ପାଇଁ ନିକଟସ୍ଥ ସରକାରୀ ଜମିକୁ ସଫାକରି ସମତୁଲ କରିଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଗାଁ ପରିବେଶକୁ ସଫା ରଖିବା ସହ ଘର ଚାରିପାଖେ ଥିବା ଅଳିଆ ଆବର୍ଜନାକୁ ଉଠାଇନେବା ପାଇଁ ସରପଞ୍ଚ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ବିଭିନ୍ନ ୱାର୍ଡର ସଭ୍ୟମାନଙ୍କ ସହାୟତାରେ ପ୍ରତି ୱାର୍ଡକୁ ଯାଇ ଜଳବାହିତ ଓ ଡେଙ୍ଗୁ ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନ କରିବା, ରାସ୍ତା ୨ ପାର୍ଶ୍ୱରେ ବୃକ୍ଷ ରୋପଣ କରି ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ରୟାସ କରିବାକୁ ସରପଞ୍ଚ ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ନାୟକ, ପବିତ୍ର ନାୟକ, ରମେଶ ଦାସ, ଜଗବନ୍ଧୁ ନାୟକ, ସଞ୍ଜୟ ନାୟକ, କାଳନ୍ଦୀ ବାରିକ, ପରିକ୍ଷିତ ନାୟକଙ୍କ ସହ ମହାଲକ୍ଷ୍ମୀ ଯୁବକ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ।

# 'ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ସଫଳତା ଦେଇଥାଏ'




ଅଭିଭାବକ-ଶିକ୍ଷକଙ୍କ ବୈଠକରେ ମଞ୍ଚାସୀନ ଅତିଥି ।

ପଟ୍ଟାମୁଣ୍ଡାଇ,୧୧।୬(ସ୍ୱ.ପ୍ର.)

ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରୀଙ୍କୁ ସଫଳତାର ମାର୍ଗଦର୍ଶନ କରିଥାଏ ବୋଲି ଶନିବାର କଷଣଅଣ୍ଟା ହାଇସ୍କୁଲ ପରିସରରେ ପଟ୍ଟାମୁଣ୍ଡାଇ ଆଦର୍ଶ ବିଦ୍ୟାଳୟ(ବନ୍ତୋ) ଅଭିଭାବକ-ଶିକ୍ଷକ ବୈଠକରେ ଯୋଗଦେଇ ବକ୍ତାମାନେ କହିଛନ୍ତି । ସିଆରସିସି ମଳୟ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ,ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟବକ୍ତା, ବନ୍ତୋ ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା କଷଣଅଣ୍ଟା ହାଇସ୍କୁଲର ପ୍ରଧାନଶିକ୍ଷକ ସଚ୍ଚିତ୍ର ବେହୁରା, ଖବରଦାତା ଅକ୍ଷୟ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେଶ ଜେନା, ବରିଷ୍ଠ ଖବରଦାତା ପତିତପାବନ ଭଦ୍ର, ଏମ୍ଆଇଏସ୍ ଆମ୍ରପଲ୍ଲୀ ସାହୁ, ସହକାରୀ ଶିକ୍ଷକ ରଶ୍ମିକାନ୍ତ ସାମଲ ଓ ଅନିଲ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ବିକାଶ ଦିଗରେ ସବୁସ୍ତରରେ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବା ସହିତ ସ୍କୁଲ ଭିତ୍ତିଭୂମି ବିକାଶ ପାଇଁ ମୋ ସ୍କୁଲ ଅଭିଯାନ ଓ ୫-ଟି ସ୍କୁଲ ରୂପାନ୍ତୀକରଣ କାର୍ଯ୍ୟକ୍ରମ କରି ସମଗ୍ର ଭାରତ ବର୍ଷରେ ଉଦାହରଣ ସୃଷ୍ଟି କରିଛନ୍ତି । ଯେଉଁ ରାଜ୍ୟ ଶିକ୍ଷା କ୍ଷେତ୍ରରେ ଯେତେ ବିକଶିତ ସେହି ରାଜ୍ୟ ସେତେ ସମୃଦ୍ଧ ବୋଲି ବକ୍ତାମାନେ କହିଥିଲେ । ଉକ୍ତ ସଭାରେ ସିଆରସିସି ଅନ୍ତର୍ଯ୍ୟାମୀ ବେଜ, ଦିଲ୍ଲୀପ ଖଟୁଆ, ମିନୁ ନାୟକ ଓ ନଳିନୀପ୍ରଭା ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଶିକ୍ଷାବିତ୍ ଅଦ୍ୱୈତ୍ୟ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସଭାରେ ପଟ୍ଟାମୁଣ୍ଡାଇ ଆଦର୍ଶ ବିଦ୍ୟାଳୟ (ବନ୍ତୋ)ର ଅଭିଭାବକ ଓ ଶିକ୍ଷକମାନେ ଯୋଗ ଦେଇଥିଲେ ।

### ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ପଟ୍ଟାମୁଣ୍ଡାଇ,୧୧।୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିଗିନିପୁର ନୃସିଂହଜୀଉ ପ୍ରାଥମିକ ବିଦ୍ୟାଳୟକୁ ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବିଶ୍ୱ ପରିବେଶ ଦିବସ ଅବସରରେ ଆୟୋଜିତ ସଭାରେ ରାଜ୍ୟ ଜଙ୍ଗଲ ଓ ପରିବେଶ ସଚିବ ଡ଼ ମୋନା ଶର୍ମା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ହେମଲତା ମହାନ୍ତିଙ୍କୁ ପୁରସ୍କାର ବାବଦରେ ନଗଦ ୨୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ବ୍ଲକର ଏକମାତ୍ର ସ୍କୁଲ ଏହି ପୁରସ୍କାର ପ୍ରଦାନ କରିଥିବାରୁ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପୃଷ୍ଟି ଓ ପ୍ରେମବାଳା ମହାପାତ୍ର, ସିଆରସିସି ଅନ୍ତର୍ଯ୍ୟାମୀ ବେଜ, ବିଶ୍ୱରଞ୍ଜନ ଦାଶ ପ୍ରମୁଖ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ପ୍ରଧାନଶିକ୍ଷୟିତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ।

### ସ୍ୱାମୀ, ସ୍ତ୍ରୀ ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ

**ଅଭିଯୋଗ ପରେ ବି ପୋଲିସ ଚୁପ୍**

ଡେରାବିଶ,୧୧।୬(ସ୍ୱ.ପ୍ର.)



ଡାକ୍ତରଖାନାରେ ୨ ଆହତ ।

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ନାନକାର (ବାଲିସାହି) ଗ୍ରାମରେ ଜଣେ ମହିଳା,ତାଙ୍କ ସ୍ୱାମୀ ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଘର ଆଗରେ ଥିବା ଏକ ଖାଲ ପୋତିବା ସମୟରେ ପଡ଼ୋଶୀ ଘରର ସଦସ୍ୟମାନେ ଏପରି ଆକ୍ରମଣ କରିଥିଲେ । ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରୁ ସୁସ୍ଥ ହୋଇ ଫେରିବା ପରେ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି।

ନାନକାର ଗ୍ରାମର ରମେଶ ଚନ୍ଦ୍ର ରାଉତଙ୍କ ଅଭିଯୋଗ ଅନୁଯାୟୀ, ଗତ ୬ ତାରିଖ ଅପରାହ୍ନରେ ସେ ତାଙ୍କ ଘର ଆଗରେ ଥିବା ଏକ ଖାଲକୁ ଟ୍ରାକ୍ଟରରେ ମାଟିଆଣି ପୋତିବା ସମୟରେ ପଡ଼ୋଶୀ ଦୁର୍ଯ୍ୟୋଧନ ରାଉତ, ତାଙ୍କ ସ୍ତ୍ରୀ ଅମ୍ବିକା ରାଉତ ଓ ପୁଅ ପିତାମ୍ବର ରାଉତ ଏବଂ ଦୁର୍ଯ୍ୟୋଧନଙ୍କ ଭାଇ ଟୁକୁନା ରାଉତ, ଟୁକୁନାଙ୍କ ସ୍ତ୍ରୀ ରଶ୍ମିତା ରାଉତ ସଂଘବଦ୍ଧ ଭାବେ ଠେଙ୍ଗା, ଭୁଜାଲି ଆଦି ମାରଣାସ୍ତ୍ର ଧରି ମାଟି ପକାଇବାକୁ ବିରୋଧ କରିଥିଲେ । ଏହି ସମୟରେ ରମେଶ ଘରେ ନ ଥିବାରୁ ପୁଅ କମଳ କିଶୋର ଏହାର ପ୍ରତିବାଦ କରିବାରୁ ତାଙ୍କୁ ଦୁର୍ଯ୍ୟୋଧନଙ୍କ ପରିବାର ସଦସ୍ୟମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ପୁଅ ମାଡ଼ ଖାଉଥିବା ଦେଖି ମା' ସଂଯୁକ୍ତା ଦଉଡ଼ି ଆସିବାରୁ ତାଙ୍କୁ ମଧ୍ୟ ଭୁଜାଲିରେ ଆକ୍ରମଣ କରାଯାଇଥିଲା। ଖବର ପାଇ ରମେଶ ଘରକୁ ଫେରିଥିଲେ। ତାଙ୍କୁ ମଧ ଠେଙ୍ଗାରେ ଆକ୍ରମଣ କରାଯାଇଥିଲା ବୋଲି ସେ ନିଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ଏ ସଂକ୍ରାନ୍ତରେ ଶନିବାର ଏକ ମାମଲା (ନଂ.୨୪୪/୨୨) ରୁଜୁ ହୋଇଛି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ ହୋଇଛି ।

# ଆଳି ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ

ଆଳି,୧୧।୬(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ସଦର ମହକୁମାରେ ଏକ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ଶନିବାରଠାରୁ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି। କଟକ-ଚାନ୍ଦବାଲି ମୁଖ୍ୟରାସ୍ତାର ଆଳି ଗୌଡ଼ପାଟଣା ନିକଟରେ ଥିବା ସରକାରୀ ଜମିରେ ଉକ୍ତ ବସ୍ ଷ୍ଟାଣ୍ଡ ନିର୍ମାଣ ଆରମ୍ଭ ହୋଇଛି । ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବସ୍‌ଷ୍ଟାଣ୍ଡ ଓଏସ୍ଆରଟିସି ପକ୍ଷରୁ ପୋଲିସ ହାଉସିଂ ବୋର୍ଡ କମ୍ପାନୀକୁ ଟେଣ୍ଡର ମିଳିଛି।

ସୂଚନାଯୋଗ୍ୟ, କଟକ -ଚାନ୍ଦବାଲି ରାସ୍ତାରେ ଦୈନିକ ଶତାଧିକ ବସ୍ କଟକ,ଭୁବନେଶ୍ୱର ସମେତ କୋଲକତା, ରାଉରକେଲା ଆଦି ବିଭିନ୍ନ ସ୍ଥାନକୁ ଯାତାୟତ କରିଥାଏ । ଆଳି ଅଞ୍ଚଳର ଲୋକମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଯାତାୟତ ନିମନ୍ତେ ଏହି ବସ୍ ଉପରେ ନିର୍ଭର କରିଥାନ୍ତି । ହେଲେ ବସ୍‌ଷ୍ଟାଣ୍ଡ ନ ଥିବାରୁ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ରାସ୍ତା ଉପରେ ବସ୍‌ଗୁଡ଼ିକ ଅଟକି ରହିଲେ ଟ୍ରାଫିକ ସମସ୍ୟା ଉପୁଜିଥାଏ । ଶକ୍ତିମନ୍ତ୍ରୀ ତଥା ଆଳିର ବିଧାୟକ ପ୍ରତାପ କେଶରୀ ଦେବଙ୍କ ଚେଷ୍ଟା ଫଳରେ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ,ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଜୟରାମ ସାହୁ, କନକଲତା ବେହେରା ଓ ସ୍ୱାଗତିକା ରାଉତଙ୍କ ସମେତ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି ।



ଆଳିରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇଛି ।

# ସରି ଆସୁଛି କେତକୀଫୁଲର ବାସ୍ନା

ମହାକାଳପଡ଼ା,୧୧।୬(ଡି.ଏନ.ଏ.)



କେତକୀ ଫୁଲ ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଦିନକୁ ଦିନ କିଆଗଛର ସଂଖ୍ୟା କମି ଚାଲିଛି । ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି । ଦିନଥିଲା ମହାକାଳପଡ଼ା ବ୍ଲକର ରାମନଗର, ପିତାପାଟ, ବରଜ, ବାହାକୁଦ, ସାବିନି, ଆଖଡ଼ାଶାଳୀ, ପଲ୍ଲୀଗଡ଼ , ନଳଗୋଠ , ବାଲି ପାଟ, ଲୁଣି ମାଠିଆ ଆଦି ଅଞ୍ଚଳରେ ବହୁ ସଂଖ୍ୟାରେ କିଆ ଗଛ ଥିଲା । ସେହି ଅଞ୍ଚଳରୁ ବିପୁଳ ପରିମାଣରେ କେତକୀ ଫୁଲ ଓ ଫଳ ସଂଗ୍ରହ କରାଯାଇ କୋଲକତା, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱରକୁ ପଠାଯାଉଥିଲା । ବେପାରୀମାନେ ଗାଁରେ ପହଞ୍ଚି କେତକୀ ଫୁଲ ଓ ଫଳକୁ ସଂଗ୍ରହ କରି ନେଉଥିଲେ । କେତକୀ ଫୁଲକୁ ବ୍ୟବସାୟୀମାନେ ବଡ଼ ବଡ଼ କମ୍ପାନୀକୁ ବିକ୍ରୀ କରି ଲାଭବାନ ହେଉଥିଲେ । ଚାଷୀମାନେ ବି ଭଲ ଦି ପଇସା ରୋଜଗାର କରୁଥିଲେ ।

ସୂଚନା ଅନୁଯାୟୀ, କେତକୀ ଗଛର ଅଣ୍ଡିରା ଫୁଲ ଫୁଟିବାର ୧ ଘଣ୍ଟା ମଧ୍ୟରେ ସେହି ଫୁଲକୁ ତୋଳି ଏକ ନିବୁଜ ବ୍ୟାଗରେ ସୁରକ୍ଷିତ ଭାବେ ରଖାଯାଉଥିଲା । ଅଣ୍ଡିରା ଫୁଲରୁ ଅତର ତିଆରି କରାଯାଉଥିଲା । ମୃଦୁ ପାନୀୟ , ଖାଦ୍ୟ ସାମଗ୍ରୀ, ଖଇର, କେଶ ତେଲ , ସାବୁନ , ଧୂପ କାଠି , କସ୍‌ମେଟିକ୍ ପ୍ରସ୍ତୁତିରେ ଏହି ଅତର ବହୁଳ ଭାବେ ବ୍ୟବହାର କରାଯାଏ । କେତକୀ ପତ୍ରରେ ଘରକରଣା ସାମଗ୍ରୀ ବିଞ୍ଚଣା, ତଲେଇ, ଚଟ, ତାଟି, ଟୋପି ଆଦି ସାମଗ୍ରୀ ତିଆରି ହୋଇଥାଏ । ଚେରକୁ ଦଉଡ଼ି ରୂପେ ବ୍ୟବହାର କରାଯାଇଥାଏ । କେବଳ ସେତିକି ନୁହେଁ, କେତକୀ ଗଛ ମୃତ୍ତିକା ଅବକ୍ଷୟ ଓ ବାଲି ଝଡ଼ରୁ ରକ୍ଷା କରିଥାଏ । କିଆ ଗଛ ବୁଦାଳିଆ ଓ ପତ୍ର କଣ୍ଟା ଯୁକ୍ତ ହୋଇ ଥିବାରୁ ଗଛମୂଳେ ଶିଆଳ, ଗୋଧି, ସାଲୁଆ ପତିନୀ, ହେଏନା ସମେତ ବିଭିନ୍ନ ପ୍ରକାରର ପକ୍ଷୀ, ସରିସୃପ ବସବାସ କରୁଥିଲେ । ସମୟ ବଦଳିବା ସହ କିଆବୁଦାଗୁଡ଼ିକ ଲୋପ ପାଇବାକୁ ବସିଛି । ଜଳବାୟୁ ପରିବର୍ତ୍ତନ , ଜନସଂଖ୍ୟା ବୃଦ୍ଧି , କଳକାରଖାନାର ପ୍ରଦୂଷଣ ପ୍ରଭାବରେ ଏହି ଗଛଗୁଡ଼ିକ ଲୋପ ପାଇବାକୁ ବସିଛି ।

୭୦ରୁ ୮୦ ଦଶକ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ କିଆଗଛର ପତ୍ରରେ ଘରକରଣା ସାମଗ୍ରୀ ତିଆରି କରି ନିକଟସ୍ଥ ହାଟ,ବଜାରରେ ବିକ୍ରୀ କରି ଭଲ ଦୁଇ ପଇସା ରୋଜଗାର କରୁଥିଲେ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବାଲିଆ ଦୋରସା ମାଟିରେ ଏହି ଗଛ ବହୁ ପରିମାଣରେ ଦେଖିବାକୁ ମିଳୁଥିଲା। ଅପରପକ୍ଷେ ଏହି ଗଛଗୁଡ଼ିକ ଲୋପ ପାଇବା ଯୋଗୁ ଶିଆଳଙ୍କ ସଂଖ୍ୟା ମଧ୍ୟ ପରୋକ୍ଷରେ ହ୍ରାସ ପାଇଛି । ଆଉ ସଞ୍ଜ ହେଲେ ଶୁଭୁନାହିଁ ଶିଆଳର ହୁକେ ହୋ ଡାକ । ଏ ସମ୍ପର୍କରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ କୁହନ୍ତି, କେତକୀ ଗଛକୁ ଚାଷ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଓ ତାଲିମ ଆବଶ୍ୟକ। ଏହାଦାରା ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆତ୍ମନିର୍ଭରଶୀଳ ହେବା ସହିତ ରୋଜଗାରକ୍ଷମ ହୋଇ ପାରିବେ। ଆମ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳବାୟୁ ବେଶ୍ ଅନୁକୂଳ ଅଛି । ଅନ୍ୟ ଚାଷ ଅପେକ୍ଷା କିଆ ଚାଷ ଖୁବ୍ ଲାଭ ଦାୟକ ହେବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଗୋଷାଣୀ,୧୧।୬: ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତଟାଗୁମୁଡ଼ାଠାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେ. ନରେଶ (୩୦)। ନରେଶ ବାଇକ୍ (ନଂ ଏପି୩୯ଏଫ୍‌ଜି ୪୦୫୧) ଯୋଗେ କୌଣସି କାମରେ ନାରାୟଣପୁରୁ ଯାଇ ନିଜ ଗ୍ରାମକୁ ଫେରୁଥିବା ବେଳେ ତଟାଗୁମୁଡ଼ାଠାରେ ଦୁର୍ଘଟଣା ଘଟିଥିଲା। ସେଠାରୁ ମୁଖ୍ୟ ଚିକିତ୍ସାଳୟ ପାରଳାଖେମୁଣ୍ଡି ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୁରାଣ୍ଡି ଥାନାରେ ନଂ. ୪୪/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଟ୍ରାକ୍ଟର ସହ ବାଇକ୍ ଧକ୍କା, ଚାଳକ ମୃତ

ପାରଳାଖେମୁଣ୍ଡି,୧୧।୬-ଗୋଷାଣୀ ବ୍ଲକ ଅନ୍ତର୍ଗତ ଉପଲଡା ଗ୍ରାମ ନିକଟରେ ଟ୍ରାକ୍ଟର ସହ ବାଇକ୍ ଧକ୍କା ହେବାରୁ ଶନିବାର ବାଇକ ଅରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶ୍ରୀକାକୁଲମ ଜିଲା ମେଳିଆପୁଟି ଥାନା ଅନ୍ତର୍ଗତ ଶ୍ରୀୟାଖଣ୍ଡି ଗ୍ରାମର କେ. ପ୍ରସାଦ(୩୦)। ପ୍ରସାଦ ବାଇକରେ ଶ୍ରୀୟାଖଣ୍ଡିଠାରୁ ଉପଲଡା ନିଜ ଶାଶୁ ଘରକୁ ଆସି ଫେରିବା ସମୟରେ ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଡାକ୍ତରଖାନା ପଠାଇଥିବା ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି। ଏ ନେଇ ନଂ. ୪୫/୨୨ରେ ମାମଲା ରୁଜୁ ହୋଇଛି।

### ଟ୍ରାକ୍ଟର-କାର୍ ଧକ୍କା, ୪ ଆହତ



ପାରଳାଖେମୁଣ୍ଡି,୧୧।୬(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଡାମଣି ଗ୍ରାମ ନିକଟରେ ଶନିବାର ଟ୍ରାକ୍ଟର ସହ ଏକ କାର୍ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। କାର୍‌ଟି ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ଆସୁଥିବା ବେଳେ ଡାମଣି ଗ୍ରାମ ନିକଟରେ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଫଳରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ସେଥିରେ ବସିଥିବା ୨ ଜଣ ଆହତ ହୋଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ଅନ୍ୟପଟେ କାର୍‌ଟି ଚୂରମାର ହୋଇଥିଲେ ମଧ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଆହତମାନଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ନେଇ ସ୍ଥାନୀୟ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ନ ଥିଲେ ଡାକ୍ତର, ସିଡିଏମ୍‌ଓ ରୋଗୀଙ୍କ ଜୀବନ ବଞ୍ଚାଇଲେ

ଫୁଲବାଣୀ ଅଫିସ, ୧୧।୬- କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇଛନ୍ତି ଖୋଦ ଜିଲା ମୁଖ୍ୟ ଚିକିତ୍ସାଧିକାରୀ। ମେଡିକାଲରେ ଡାକ୍ତର ନ ଥିବାରୁ ସେ ନିଜେ ଆସି ଏହି କାମ କରିଛନ୍ତି। ରୋଗୀଙ୍କ ଜୀବନ ବଞ୍ଚିଯାଇଥିବାରୁ ସାଧାରଣରେ ତାଙ୍କୁ ପ୍ରଶଂସିତ କରାଯାଇଛି। ଖଜୁରିପଡା ବ୍ଲକ ବିଲାବାଡ଼ୀ ଗ୍ରାମର ଜଣେ ମହିଳା କୌଣସି କାରଣରୁ ବିଷ ପିଇ ଦେଇଥିଲେ। ସେ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେହି ସମୟରେ ଡାକ୍ତର ନ ଥିବାରୁ ପରିବାର ଲୋକେ ଅସହାୟ ହୋଇ ପଡ଼ିଥିଲେ। ଜଣେ ଡାକ୍ତର ହଠାତ ପହଞ୍ଚି ଚିକିତ୍ସା ନ କରି ତାଙ୍କୁ ବ୍ରହ୍ମପୁର ରେଫେର କରିଥିଲେ। ଘଟଣା ଜଣାପଡିବା ପରେ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ ଉପାଧ୍ୟାୟ ବିଳମ୍ବ ନ କରି ତୁରନ୍ତ ଆସି ରୋଗୀଙ୍କୁ ଚିକିତ୍ସା କରିଥିଲେ। ଏବେ ମହିଳା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି।

### ୧୬୮ କେଜି ଗଞ୍ଜେଇ ଜବତ

କୋଷାଗୁମୁଡ଼ା, ୧୧।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କାନାଗୁଡା, କୋଷାଗୁମୁଡ଼ା ଆର୍.ଡି ରାସ୍ତାରେ ପାଟ୍ରୋଲିଂ ସମୟରେ ୧୬୮.୩୪୦ କି. ଗ୍ରା ଗଞ୍ଜେଇ ଜବତ କରିଛି ପୋଲିସ। ଏଥିସହ ଗୋଟିଏ କାର ମିଳିଛି। ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, କୋଷାଗୁମୁଡ଼ା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ ନେଇ ପୋଲିସ ଖବର ପାଇଥିଲା। ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବାରୁଦାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇଏସ୍ ବି.ମଙ୍ଗରାଜ ବଡଆମଡା ରାସ୍ତାରେ ଗାଡି ମୋଟର ଯାଞ୍ଚ କରିଥିଲେ। କାନାଗୁଡାରେ ପୋଲିସ ଗାଡିକୁ ଦେଖି ଦୁର୍ବୃତ୍ତମାନେ କାର ଛାଡି ଛାଡି ଫେରାର୍ ହୋଇଯାଇଥିଲେ।

# ୧୦ ଗାଁରେ ମୋବାଇଲ ସେବା ଅପହଞ୍ଚ

ଗଣିଆ,୧୧।୬ (ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ୧୦ଗ୍ରାମବାସୀ।

ସମ୍ପ୍ରତି ମୋବାଇଲ ସେବା ଜରୁରୀ ହୋଇପଡିଛି। ବିଭିନ୍ନ କାମକୁ ଏହି ସେବା ସହଜ କରିଛି। ସରକାର ଡିଜିଟାଲ ଇଣ୍ଡିଆର ଡିଣ୍ଡିମ ପିଟୁଛନ୍ତି। ହେଲେ ଏମିତି କେତେକ ଗାଁ ଅଛି ଯେଉଁଠି ମୋବାଇଲ ସେବା ଅପହଞ୍ଚ ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତକୁ ଉଦାହାରଣ ଭାବେ ନିଆଯାଇଛି। ଏହି ପଞ୍ଚାୟତର ବହୁ ଗାଁରେ ମୋବାଇଲ ସେବାରୁ ଲୋକମାନେ ବଞ୍ଚିତ ହୋଇଛନ୍ତି। ଜରୁରିକାଳୀନ ସେବା ହେଉ କିମ୍ବା ଛାତ୍ରୀଛାତ୍ରମାନଙ୍କ ଅନ୍‌ଲାଇନ ପାଠପଢାରେ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ନେଇ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଆନ୍ଦୋଳନରେ ମହନାପଦା, ଯଶିପୁର, ରାଜିଙ୍ଗି, ଧୋବାବୋରେଇ, କୁମ୍ଭୀରଖଣୀ, ମହୁକଣ, ଛାଡମୂଳ, ବୁରୁବୁରେଇ, ଭଗାମୁଣ୍ଡା, ଡାଙ୍ଗସାହି ଆଦି ଗ୍ରାମର ଲୋକମାନେ ସାମିଲ ହେବେ ବୋଲି କହିଛନ୍ତି। କୁମ୍ଭୀରଖଣି ଗ୍ରାମ ନିକଟସ୍ଥ

### ଅସନ୍ତୋଷ ଲୋକଙ୍କ ମନରେ ଆନ୍ଦୋଳନର ଦାନା ବାନ୍ଧୁଛି

ନବନିର୍ମିତ ସେତୁ ଉପରେ ଏହି ୧୦ ଗ୍ରାମର ପ୍ରାୟ ଶତାଧିକ ଲୋକ ଏକତ୍ରିତ ହୋଇ ରାଜିଙ୍ଗି କିମ୍ବା ଛାଡମୂଳଠାରେ ମୋବାଇଲ ଟାୱାର ପ୍ରତିଷ୍ଠା ଉପରେ ଆଲୋଚନା କରିଛନ୍ତି। ମୋବାଇଲ ଟାୱାର ପ୍ରତିଷ୍ଠା କରି ଲୋକଙ୍କୁ ମୋବାଇଲ ସେବା ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ନିର୍ବାଚିତ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି କରିଆସୁଛନ୍ତି। ତେବେ ବୈଠକରେ ଶେଷଥର ପାଇଁ ପୁଣିଥରେ ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାବୀ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅଞ୍ଚଳବାସୀଙ୍କ ତରିଛି। ଅନ୍ୟପରି ଏହି ପଚାଂୟତର କୁତୁରୀ, କାଣିପୋଖରୀ, ବଡମୂଳ ମାଳିସାହି ଆଦି ଗ୍ରାମରେ ମୋବାଇଲ ସେବା ଏବେ ବି ଅପହଞ୍ଚ ହୋଇପଡିଛି। ସୂଚନାଯୋଗ୍ୟ, ଗତ ୫ବର୍ଷ ତଳେ ଏହି ପଞ୍ଚାୟତର ଛାମୁଣ୍ଡିଆ ଓ କୁମ୍ଭୀରଖଣି ଗ୍ରାମରେ ବିଏସ୍ଏନ୍ଏଲ ଟାୱାର ନିର୍ମାଣ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ଥାନ ଚିହ୍ନଟ କରିଥିଲେ। ଏପରିକି ଛାମୁଣ୍ଡିଆଠାରେ ଗତ ୩ବର୍ଷ ତଳେ ଏକ ବିଏସ୍ଏନଏଲ ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଏବେ ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ଛାମୁଣ୍ଡିଆ ଅଚଞ୍ଚରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଇଣ୍ଟରନେଟ ସେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଛାଡମୂଳ ଗ୍ରାମର ଗୋବର୍ଦ୍ଧନ ସାହୁ କହିଛନ୍ତି। ଅନ୍ୟପରି ଛାମୁଣ୍ଡିଆ ଠାରେ ଥିବା ଏକମାତ୍ର ଜିଓ ଟାୱାର ଗେନ ବୃଦ୍ଧି କରାନଯିବାରୁ ଏହାର ନେଟ୍‌ୱର୍କ ୨ରୁ ୩ କିଲୋମିଟର ଭିତରେ ସୀମିତ ରହୁଛି। ଫଳରେ ଅନେକ ସମୟରେ ମୋବାଇଲ ଉପୋଭୋକ୍ତା ବହୁ ଅସୁବିଦାର ସମ୍ମୁଖୀନ ହେଉଥିବା କୁହନ୍ତି ମହୁକଣ ଗ୍ରାମର ବିଭୂତି ସାମଲ। ତେବେ ଛାମୁଣ୍ଡିଆ ପଞ୍ଚାୟତର ରାଜିଙ୍ଗି କିମ୍ବା ଛାଡମୂଳଠାରେ ନୂତନ ମୋବାଇଲ ଟାୱାର ନିର୍ମାଣ ସହ ଛାମୁଣ୍ଡିଆଠାରେ ଥିବା ଜିଓ ନେଟ୍‌ୱର୍କ ଗେନ୍ ବୃଦ୍ଧି କରିବା ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ଦାବି ହେଉଛି।

## କୃଷକ ଉତ୍ପାଦକ ସଂଘର ଉଦ୍‌ଘାଟନ ମହୋତ୍ସବ

ଆର.ଉଦୟଗିରି,୧୧।୬ (ଡି.ଏନ.ଏ.)

ମହେନ୍ଦ୍ରଗଡ଼ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଲୁହା ଖମ୍ବେଶ୍ୱରୀ କୃଷକ ଉତ୍ପାଦନ ସଂଘର ଉଦଘାଟନ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲୁହା ଖମ୍ବେଶ୍ୱର କୃଷକ ଉତ୍ପାଦକ ସଂଘର ନିର୍ଦ୍ଦେଶକ ପ୍ରଦୀପ କୁମାର ହରିଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ନାବାର୍ଡ ଡିଡିଏମ ପ୍ରତୀପ ପଣ୍ଡା ଯୋଗ ଦେଇଥିଲେ। ଏଥିରେ କୃଷି ଅଧିକାରୀ ବରୁଣ କୁମାର ନାୟକ, ରାଜବ ଲୋଚନ ରଇତ, ଶିଶୁ ମନ୍ଦିର ଆଚାର୍ଯ୍ୟ ଖମ୍ବେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ପାଦନ ଗୋଷ୍ଠୀ ଗଠନ ଓ ପଦୋନ୍ନତି ଅନ୍ତର୍ଗତ ଯୋଜନାରେ ଗଢ଼ାଯାଇଛି ଏବଂ ଡବ୍ଲୁଓଟିଆର ସଂସ୍ଥାକୁ ସିବିବିଓ ହିସାବରେ ନିଯୁକ୍ତି କରାଯାଇଛି। ନାବାର୍ଡର ଡିଡିଏମଙ୍କ ଦ୍ୱାରା କୃଷକମାନଙ୍କୁ ଏହି ଯୋଜନା ବିଷୟରେ ଅବଗତ କରାଯାଇ ଭିଡିଓ ମାଧ୍ୟମରେ ସଚେତନତା କରାଯାଇଥିଲା। ଏହି ଅବସରରେ ସରକାରୀ ଅଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ।

# ରୁକ୍ମିଣୀଙ୍କୁ ବିବାହ କଲେ ଶ୍ରୀକୃଷ୍ଣ

ଖଣ୍ଡପଡ଼ା,୧୧।୬ (ସ୍ୱ.ପ୍ର.)

### ନୀଳମାଧବ ମନ୍ଦିରରେ ରୁକ୍ମିଣୀ ବିବାହ ନୀତି ସମ୍ପନ୍ନ



ବିବାହ ପାଇଁ ଶ୍ରୀଜୀଉଙ୍କୁ ବିମାନରେ ନିଆଯାଉଛି।

ଶ୍ରୀକୃଷ୍ଣ ରୁକ୍ମିଣୀ ବିବାହ ନୀତି କଣ୍ଟିଲୋ ନୀଳମାଧବ ମନ୍ଦିରରେ ଶେଷ ହୋଇଛି। ଏଥିପାଇଁ ଶନିବାର ମନ୍ଦିର ଉତ୍ସବ ମୁଖର ହୋଇଉଠିଥିଲା। ଜ୍ୟେଷ୍ଠ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରିଥିବାରୁ ଆଜିର ଦିନକୁ ରୁକ୍ମିଣୀ ହରଣ ଏକାଦଶୀ ବୋଲି କୁହାଯାଏ। ପୁରାଣର କଥା ବସ୍ତୁକୁ ଆଧାର କରି ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀର ଅନିଚ୍ଛା ସତ୍ତ୍ୱେ ଶିଶୁପାଳଙ୍କ ସହ ବିବାହ ସ୍ଥିର କରିଥିଲେ। ଏଥିପାଇଁ ଗୁରୁବାର କନ୍ୟାଘର ପକ୍ଷରୁ ଶିଶୁପାଳଙ୍କ ଘରକୁ ଚିଟାଉ ପଠାଯାଇଥିଲା। ହେଲେ ରୁକ୍ମିଣୀ ମନେ ମନେ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କୁ ନିଜର ପତି ଭାବେ ବାଛି ନେଇଥିଲେ। ବିବାହର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚାଲିଥିବା ବେଳେ ରୁକ୍ମିଣୀ ତାଙ୍କର ଜଣେ କୂଳ ପୁରୋହିତ ବେଶରେ ପୂଜକ ସମାଜର ବାସୁଦେବ ମିଶ୍ରଙ୍କ ହାତରେ ଏକ ପତ୍ର ଶ୍ରୀକୃଷ୍ଣଙ୍କ ପାଖକୁ ପଠାଇଥିଲେ। ଛାମୁ ଖୁଣ୍ଟିଆ କୁଳମଣି ମିଶ୍ର କୁଣ୍ଡିନ ନଗରରୁ ଆସିଥିବା କୂଳ ପୁରୋହିତଙ୍କ ସମ୍ପର୍କରେ ଛାମୁଙ୍କୁ ଅବଗତ କରାଇଥିଲେ। ପୁରୋହିତ ମିଶ୍ର ନୀଳମାଧବ ଜୀଉଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ରୁକ୍ମିଣୀଙ୍କ ପ୍ରେରିତ ପତ୍ରଟିକୁ ଶ୍ରୀଜୀଉଙ୍କୁ ପ୍ରଦାନ କରିବା ପରେ ଶ୍ରୀଜୀଉଙ୍କ ବେଦ ବ୍ରାହ୍ମଣ ରାମଚନ୍ଦ୍ର ମିଶ୍ର ପ୍ରେରିତ ପତ୍ରଟି ଛାମୁଙ୍କ ସମ୍ମୁଖରେ ପାଠ କରିଥିଲେ। ପ୍ରେରିତ ପତ୍ରର ସୂଚନା କ୍ରମେ ରୁକ୍ମିଣୀ ପାର୍ବତୀ (ବିମଳା)ଙ୍କ ମନ୍ଦିରରେ ଅପେକ୍ଷା କରିଥିବେ ଏବଂ ତାଙ୍କୁ ଦ୍ୱାରିକାଧିପତି ସେଠାରୁ ହରଣ କରି ଆଣି ବିବାହ କରିବେ। ଏହି କଥାବସ୍ତୁ ଅନୁଯାୟୀ ଶ୍ରୀନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନ ମୋହନ(ଶ୍ରୀକୃଷ୍ଣ) ସ୍ଥାନୀୟ ବିମଳା (ପାର୍ବତୀ)ଙ୍କ ମନ୍ଦିରକୁ ସୁସଜ୍ଜିତ ବିମାନରେ ବିଜେ କରାଯାଇଥିଲା। ପୂର୍ବ ଯୋଜନା କ୍ରମେ ଶ୍ରୀକୃଷ୍ଣ(ମଦନମୋହନ)ଅପେକ୍ଷା କରିଥିବା ରୁକ୍ମିଣୀ(ଲକ୍ଷ୍ମୀ)ଙ୍କୁ ହରଣ କରି ନେଇଥିଲେ। ରୁକ୍ମିଣୀ ହରଣ ହେବା ଖବର ଶିଶୁପାଳଙ୍କ ପାଖରେ ପହଞ୍ଚି ଯାଇଥିଲା। ରୁକ୍ମିଣୀଙ୍କୁ ବିବାହ ପାଇଁ ରାଜଥାଟରେ ଯାଇଥିବା ଶିଶୁପାଳ ଏହାକୁ ଅପମାନ ଭାବି ଶ୍ରୀକୃଷ୍ଣଙ୍କୁ ଦଣ୍ଡ ଦେବାକୁ ବାହାରି ଥିଲେ। ନୀଳମାଧବଙ୍କ ବେଢା ପରିସରରେ ଥିବା ପାଦୁକ କୁଣ୍ଡ ନିକଟରେ ଶ୍ରୀକୃଷ୍ଣଙ୍କ ସହ ଭେଟ ହୋଇଥିଲା ଶିଶୁପାଳଙ୍କ। ଶିଶୁପାଳ ଭାବେ ଦାଶରଥି କର ଖଣ୍ଡାଧରି ଶ୍ରୀକୃଷ୍ଣଙ୍କ ଏହି କାର୍ଯ୍ୟକୁ ବାଧା ଦେବାରେ ବରପକ୍ଷ ଶିଶୁପାଳଙ୍କୁ ବାନ୍ଧି ପକାଇଥିଲେ। ତାଙ୍କ ସମ୍ମୁଖରେ ରୁକ୍ମିଣୀଙ୍କୁ ଧରି ଶ୍ରୀକୃଷ୍ଣ ଫେରିଥିଲେ। ତା' ପରେ ଶିଶୁପାଳ ନିରାଶ ହୋଇ ସ୍ୱଗୃହକୁ ଫେରି ଯାଇଥିଲେ। ପରେ ଶ୍ରୀ ଜୀଉଙ୍କୁ ଅପରାହ୍ନ ସାଢେ ୫ଟାରେ ମୁକ୍ତିମଣ୍ଡପକୁ ବିଜେ କରାଯାଇଥିଲା। ପରେ ଦେବ ନୀତି କ୍ରମେ ବିବାହ କାର୍ଯ୍ୟ ଖୁବ୍ ଧୁମ୍‌ଧାମରେ ସମ୍ପନ୍ନ ହୋଇଥିଲା।

ଏହି ମାଙ୍ଗଳିକ କାର୍ଯ୍ୟରେ ପୁରୋଧା ଭାବେ ବାସୁ ମିଶ୍ର, ପୂଜାରୀ ଭାବେ ପ୍ରସନ୍ନ ମିଶ୍ର ଓ କୃଷ୍ଣଚନ୍ଦ୍ର ମିଶ୍ର, ପ୍ରତିହାରୀ ହୃଷିକେଶ ମିଶ୍ର, ଗରାବଡୁ ଶଶୀଧର ମିଶ୍ର, କନ୍ୟାପିତା ଭାବେ ଜୟକୃଷ୍ଣ ମିଶ୍ର ଏବଂ ବର ପିତା ଭାବରେ ଲକ୍ଷ୍ମଣ ମିଶ୍ର ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ।

## ବିବାଦୀୟ ଜମି ସଫା କରିବାରୁ ଉତ୍ତେଜନା



ଆଦିବାସୀଙ୍କୁ ବୁଝାଶୁଝା କରୁଛନ୍ତି ପ୍ରଶାସନିକ ଅଧିକାରୀ।

ଆର.ଉଦୟଗିରି,୧୧।୬(ଡି.ଏନ୍.ଏ.)

ଆର. ଉଦୟଗିରି ଥାନା ତାବରଡ଼ା ଗ୍ରାମର ବିବାଦୀୟ ଜମିରେ ଶନିବାର ଗ୍ରାମର ଆଦିବାସୀ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଲଟା ବୁଦା ସଫା କରି ଏହାକୁ ପୋଡୁଥିବା ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। କିଛି ଦିନ ତଳେ ଏହି ବିବାଦୀୟ ଜମି ନୂଆଗଡ଼ ତହସିଲ ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିଲା। ଶନିବାର ସକାଳେ ସେହି ଗ୍ରାମର ଆଦିବାସୀ ମହିଳା ଓ ପୁରୁଷ ମିଶି ରୋହିତ ସିଂଙ୍କ ପଟ୍ଟାଜମିର ଲଟାବୁଦା ସଫା କରୁଥିବା ରୋହିତ ଦେଖି ଆର.ଉଦୟଗିରି ଓ ନୂଆଗଡ଼ ତହସିଲ ଅଧିକାରୀଙ୍କୁ ଫୋନ କରି ଜଣାଇଥିଲେ। ପରେ ଆର.ଉଦୟଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ନୂଆଗଡ଼ ତହସିଲଦାର ଆଶିଷ କୁମାର ପ୍ରଧାନ ତାବରଡ଼ା, ଖଜୁରିପଦା, ନୂଆଗଡ଼ ଆରଆଇ, ସୁପରଭାଇଜର ଓ ଅମିନ ଧରି ବିବାଦୀୟ ଜମିରେ ପହଞ୍ଚି ଆଦିବାସୀଙ୍କୁ ବହୁପ୍ରକାର ବୁଝାଶୁଝା ପରେ ଆଦିବାସୀମାନେ ଜମିରୁ ହଟିଥିଲେ। ତହସିଲଦାର କହିଥିଲେ, ରୋହିତ ନିଜ ଜମି ଡିମାରକେଶନ କରିବାକୁ ଆବେଦନ ପ୍ରକାରେ କିଛି ଦିନ ତଳେ ଉଭୟ ଗୋଷ୍ଠୀ ଲୋକଙ୍କୁ ନେଇ ଜମି ଚିହ୍ନଟ କରିଥିଲୁ। ଏହି ରିପୋର୍ଟ ଜିଲା ପ୍ରଶାସନକୁ ପଠାଯାଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶ ଆସିବା ପରେ ଗ୍ରାମର ଉଭୟ ଗୋଷ୍ଠୀ ଲୋକଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯିବ। ତା'ପରେ କାର୍ଯ୍ୟକାରୀ କରାଯିବ ବୋଲି କହିବା ପରେ ଆଦିବାସୀ ସେହି ଜମିରୁ ହଟିଥିଲେ। ବର୍ତ୍ତମାନ ଏହି ଜମିକୁ ଉଭୟ ପକ୍ଷ କେହି ଯାଇପାରିବେ ନାହିଁ ବୋଲି ତହସିଲଦାର କହିଥିଲେ।

## ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣେ କୋର୍ଟଚାଲାଣ

ଗୋପାଳପୁର,୧୧।୬(ଡି.ଏନ.ଏ.)

ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଶନିବାର ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଗିରିସୋଲା ଗ୍ରାମର ଡି ଦାଶରଥି। ଏହି ଥାନା ଅନ୍ତର୍ଗତ ଗିରିସୋଲା ଗ୍ରାମ ଡି ଦାଶରଥି ଗତ କିଛି ଦିନ ହେଲା ଏହି ଥାନାର ସୁମାଣ୍ଡି ଛକ ନିକଟରେ ଚୋରା ଦେଶୀ ମଦ ବିକ୍ରି କରୁଥିଲେ। ଶୁକ୍ରବାର ରାତିରେ ଦାଶରଥି ଦେଶୀ ମଦ ବିକ୍ରି କରୁଥିବା ବେଳେ ଗୋଳନ୍ଥରା ଥାନା ପୋଲିସ ସେଠାରେ ଚଢ଼ାଉ କରି ୩୦ ଲିଟର ଦେଶୀ ମଦ ଜବତ କରିବା ସହ ଦାଶରଥିଙ୍କୁ କାବୁ କରିଥିଲା।

## ବଜ୍ରପାତରେ ମହିଳା ଗୁରୁତର

ହିଞ୍ଜିଳିକାଟୁ,୧୧।୬ (ଡି.ଏନ୍.ଏ)

ହିଞ୍ଜିଳିକାଟୁ ବ୍ଲକ ଧୋବାଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଟପୁର ଗାଁରେ ଶନିବାର ପୂର୍ବାହ୍ନରେ ବଜ୍ରପାତ ଘଟିବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗାଁର କାଳିଆ ରାଉତ। ମହିଳା ଜଣଙ୍କ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ନିକଟରେ ଚାଷ କାମ କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ବେଲଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଜବରଦଖଲକାରୀଙ୍କ କବଳରେ ରାମଚଣ୍ଡୀ ପାହାଡ଼

ଛତ୍ରପୁର,୧୧।୬(ଡି.ଏନ.ଏ.)

ଛତ୍ରପୁର ଉପକଣ୍ଠ କରପଡା ପଞ୍ଚାୟତ ଅଧୀନ ନିଳାଦ୍ରୀପୁର ଗାଁ ନିକଟ ପାହାଡ ଉପରେ ମା' ରାମଚଣ୍ଡୀଙ୍କ ମନ୍ଦିର ରହିଛି। ଉକ୍ତ ପାହାଡ ପାଦଦେଶରେ ଜବରଦଖଲ ବୃଦ୍ଧି ପାଇବାରେ ପରିଲକ୍ଷିତ ହୋଇଛି। କେତେକ ଅସାଧୁ ବ୍ୟକ୍ତି ଉକ୍ତ ପାହାଡର ଜମିକୁ ନିଜ କବଜାକୁ ନେବାରେ ଲାଗିଛନ୍ତି। ଏପରିକି ରାମଚଣ୍ଡୀ ପାଡାଡ ମଧ ସ୍ଥଳରେ ପୂର୍ବରୁ ଭଣ୍ଡ ବାବା ଘର ନିର୍ମାଣ ସହ ସେଠାରେ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଉଥିବା ନେଇ ନଜିର ଅଛି। ଏନେଇ ମନ୍ଦିର କମିଟି ପକ୍ଷରୁ ଗଞ୍ଜାମ ତହସିଲଦାର ଓ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନି। ଆଉ ଏବେ କେତେକ ଅସାଧୁ ବ୍ୟକ୍ତି ପାହାଡ ରାସ୍ତା କଡରେ ଘର ନିର୍ମାଣ କରିବାକୁ ଯୋଜନା କରୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦାବି ହୋଇଛି। ଏବେ ମନ୍ଦିରର ବିକାଶ ଓ ଉନ୍ନୟନ ମୂଳକ କାର୍ଯ୍ୟ ଜୋରଦାର ଆଗେଇ ଚାଲିଛି। ଦୈନିକ ଶତାଧିକ ଭକ୍ତ ଉକ୍ତ ମନ୍ଦିରକୁ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ବେଳେ ଏହି କାରଣରୁ ସେମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି।

## ନିଯୁକ୍ତି ଦାବିରେ ପ୍ରକଳ୍ପ କାମକୁ ବିରୋଧ



କାମ ବନ୍ଦ ଦାବିରେ ଲୋକେ ରୁଣ୍ଡ ହୋଇଛନ୍ତି।

ଛତ୍ରପୁର,୧୧।୬(ଡି.ଏନ.ଏ.)

ଛତ୍ରପୁର ବ୍ଲକ କାଳିପଲ୍ଲୀ ସମେତ ନିକଟସ୍ଥ ଅଞ୍ଚଳରେ ଟାଟା କମ୍ପାନୀର ପ୍ରକଳ୍ପ ପାଇଁ ଜମି ୧୯୯୬ରେ ଅଧିଗ୍ରହଣ ହୋଇଥିଲା। ଦୀର୍ଘ ୨୫ ବର୍ଷ ପରେ ମଧ ଟାଟା କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ଏବେ କାଳିପଲ୍ଲୀ ନିକଟ ଉକ୍ତ ଜମିରେ ଟାଟା କମ୍ପାନୀଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ କାର୍ଯ୍ୟ ଚାଲିଛି। ଏହି କାମକୁ ଶନିବାର ଶତାଧିକ ସ୍ଥାନୀୟ ଲୋକେ ବିରୋଧ କରି ଆନ୍ଦୋଳନ କରିଛନ୍ତି। ଘଟଣାସ୍ଥଳରେ ଛତ୍ରପୁର ତହସିଲଦାର, ଏସ୍‌ଡିପିଓ, ସ୍ଥାନୀୟ ଥାନା ଅଧିକାରୀ ପହଞ୍ଚି ପୋଲିସ ଫୋର୍ସ ନେଇ ପରିସ୍ଥିତି ଉପରେ ନଜର ରଖିଛନ୍ତି। ବର୍ଷା ସତ୍ତ୍ୱେ ଆନ୍ଦୋଳନ ଚାଲିଥିବା ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନକୁ ପୋଲିସ ଓ ପ୍ରଶାସନ ବିରୋଧ କରିବାରୁ ଏନେଇ ସେଠାରେ ଚାପା ଉତ୍ତେଜନା ଲାଗି ରହିଛି। ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ବ୍ୟବସ୍ଥା ନ କଲା ପର୍ଯ୍ୟନ୍ତ ଏହି କାମ କରିବାକୁ ଦିଆଯିବନି ବୋଲି ସ୍ଥାନୀୟ ଲୋକେ ଅଡ଼ି ବସିଛନ୍ତି। ଆମ ପିଲା ଚାକିରି ପାଇବେ ବୋଲି ଆମେ ଜମି ଦେଇଥିଲୁ। ମାତ୍ର ଆମକୁ ଟାଟା କମ୍ପାନୀ ହତାଦର କରିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଜନଅସନ୍ତୋଷ

ନୂଆଗଡ଼,୧୧।୬

ରାଜ୍ୟ ସରକାର ଲୋକଙ୍କ ସୁବିଧା ପାଇଁ ଉନ୍ନତିମୂଳକ ବିଭିନ୍ନ ଯୋଜନାମାନ ହାତକୁ ନେଇଛନ୍ତି। ବର୍ତ୍ତମାନ ଲୋକଙ୍କ ହିତ ସାଧନ ପାଇଁ ମୁଖ୍ୟ ଶାସନ ସଚିବ ବିଦ୍ୟୁତ୍ କାଟ୍‌କୁ ବନ୍ଦ କରିବା ପାଇଁ କିଛିଦିନ ପୂର୍ବରୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସରକାରଙ୍କ ଏହି ନିର୍ଦ୍ଦେଶ ଟାଟା ପାୱାର ପାଇଁ ମୂଲ୍ୟହୀନ ହୋଇପଡ଼ିଛି। ଫଳରେ ବିଦ୍ୟୁତ୍ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଦେଖିବାକୁ ମିଳୁଛି ଗଜପତି ଜିଲା ନୂଆଗଡ଼ ସଦର ସମେତ ଅଞ୍ଚଳର ଖଜୁରିପଦା, ବଡ଼ପଦା, କେ. ଖାଲରସିଂ ଓ କେରେଡାଙ୍ଗ ଆଦି ଗ୍ରାମରେ। ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇଗଲେଣି। ଟାଟା ପାୱାର ପକ୍ଷରୁ ଭୁଲ୍ ଓ ଅଧିକ ମାତ୍ରାରେ ବିଲ୍ ପ୍ରଦାନ, ମନଇଚ୍ଛା ଲାଇନ୍ କନେକ୍ସନ କରାଯିବା ଅଭିଯୋଗ ଆଗରୁ ଆସିଥିବା ବେଳେ ବର୍ତ୍ତମାନର ଅସହ୍ୟ ଗରମ ଏବଂ ରାତ୍ର କାଳର ବିଦ୍ୟୁତ୍ କାଟକୁ ନେଇ ଏବେ ଜନଅସନ୍ତୋଷର କାରଣ ସାଜୁଛି। ଦିନ ହେଉ ଅବା ରାତି, ଅତି କମ୍‌ରେ ୨୦ରୁ ଉର୍ଦ୍ଧ୍ୱ ଥର ବିଦ୍ୟୁତ୍ କାଟ୍ ହେଉଛି। ବିଦ୍ୟୁତ୍ କଟିଗଲେ ଶୀଘ୍ର ଆସିବାର ନାଁ ଧରୁନାହିଁ। ଦିନ ତମାମ ଖଟିଖିଆ କିମ୍ବା ଦିନ ମଜୁରିଆମାନେ ଘରକୁ ଫେରି ରାତ୍ର ସମୟରେ ଶାନ୍ତିରେ ଟିକିଏ ଶୋଇବା ପାଇଁ ଚାହିଁଥାନ୍ତି। କିନ୍ତୁ ବିଦ୍ୟୁତ୍ କାଟ୍ ସାଙ୍ଗକୁ ଗୁଳୁଗୁଳି ଶୋଇବାକୁ ଦେଉନାହିଁ। ଉପାନ୍ତ ଅଞ୍ଚଳର ଲୋକେ ବିଦ୍ୟୁତ୍ କାଟ ଯୋଗୁ ରାତିରେ ବାହାରେ ଶୋଉଥିବା ଜଣାପଡୁଛି। ବିଷାକ୍ତ ଜନ୍ତୁମାନେ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବାରୁ କେତେବେଳେ କାହାର କିଛି କ୍ଷତି ନହେବ ତାହାର ଗ୍ୟାରେଣ୍ଟି କିଏ ଦେବ। ସାମାନ୍ୟ ବର୍ଷା ପବନ ଆସିଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟି ଦିଆଯାଉଛି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର ସବୁ ଅନ୍‌ଲାଇନ କାର୍ଯ୍ୟ ଅଚଳ ହୋଇଯାଉଛି। ନୂଆଗଡ଼ ସଦରଠାରେ ବିଜୁଳି କଟିବା ସଙ୍ଗେ ସଙ୍ଗେ ସରକାରୀ ନେଟ୍‌ୱର୍କ (ବିଏସ୍ଏନ୍ଏଲ୍) ମଧ କଟିଯାଉଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା ଓ ଛୋଟ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଟିକା ମାନ ମହଜୁଦ ରହିଛି। ଏପରି ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଏହି ଟିକା ନଷ୍ଟ ହେବାର ବହୁ ସମ୍ଭାବନା ରହିଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଯଦି ଟାଟା ପାୱାର ଖେଳ ଖେଳେ, ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ସୂଚନା ମୁତାବକ, ନୂଆଗଡ଼ ବ୍ଲକରେ ଥିବା କିଛି ପଞ୍ଚାୟତର ଲୋକେ ବିଦ୍ୟୁତ୍ ଖୁଣ୍ଟରୁ ହୁକ ପକାଇ ଘରେ ବିଦ୍ୟୁତ୍ ବ୍ୟବହାର ସହ ବିଦ୍ୟୁତ୍ ମାଧ୍ୟମରେ ବିଭିନ୍ନ ମିଲ୍‌ଗୁଡିକ ଚଳାଉଛନ୍ତି। ବିଭାଗୀୟ କର୍ମଚାରୀ ଓ ମିଲ୍ ମାଲିକଙ୍କ ମଧୁଚନ୍ଦ୍ରିକାରେ ଏଭଳି ହେଉଥିବା ଅନୁମାନ କରାଯାଉଛି। ବିଭାଗୀୟ ଅଧିକାରୀ ମାସିକିଆ ଚାନ୍ଦା ନେଇ ମିଲ ମାଲିକଙ୍କୁ ସାହାଯ୍ୟ କରୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଦ୍ୟୁତ୍ କାଟ ହେବା ଦ୍ୱାରା ଯୋଗାଣ ପାନୀୟ ଜଳ ସମସ୍ୟା ବି ଦେଖିବାକୁ ମିଳୁଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅନେକ ଥର ଅଭିଯୋଗ କରାଯାଇଛି। ବିନା ବର୍ଷା, ପବନରେ ବି ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଏ ନେଇ ବିଭାଗୀୟ କର୍ମଚାରୀଙ୍କୁ ପଚାରିଲେ ତାରରେ ଗଛ ପଡ଼ିଯାଇଛି କିମ୍ବା ତାର ଛିଡ଼ି ଯାଇଥିବାର ସଫେଇ ଦେଉଛନ୍ତି। ଟାଟା ପାୱାରର ଏଭଳି ମିଥ୍ୟା ସଫେଇ ଲାଗି ଭବିଷ୍ୟତରେ ଏହା ଆନ୍ଦୋଳନର ରୂପ ନେବା ଆଶଙ୍କା ଉପୁଜିଲାଣି।



ବିଦ୍ୟୁତ୍ ଟ୍ରାନ୍ସଫର୍ମର।

## ସଂକ୍ଷେପରେ

ଶାନ୍ତିଶୃଙ୍ଖଳାରେ ସରିଲା ଠାକୁରାଣୀ ଯାତ୍ରା

### ମନ୍ଦିରକୁ ଫେରିଲେ ମା' ମୁକ୍ତାଦେବୀ

ଚିକିଟି,୧୧।୬(ଡି.ଏନ୍.ଏ.): ଚିକିଟି ପେଣ୍ଠରେ ଦୀର୍ଘ ୧୫ ଦିନ ଧରି ଚାଲିଥିବା ମା ମୁକ୍ତାଦେବୀଙ୍କ ଯାତ୍ରା ଶୁକ୍ରବାର ସରିଛି। ସ୍ଥାୟୀ ମନ୍ଦିରକୁ ମୁକ୍ତାଦେବୀ ଫେରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମା' ମୁକ୍ତାଦେବୀଙ୍କ ପୂଜା, ଆଳତି ଶେଷ ହେବା ପରେ ଭକ୍ତଙ୍କୁ ଦର୍ଶନ ଦେବା ଉଦ୍ଦେଶ୍ୟରେ ମା' ପ୍ରତି ସାହି ପରିକ୍ରମା କରିଥିଲେ। ବିଭିନ୍ନ ବାଦ୍ୟ ବାଜଣା, ଶଙ୍ଖ, ହୁଳହୁଳି, ପଟୁଆରରେ ଚିକିଟି ପେଣ୍ଠ ଉତ୍ସବମୁଖର ହୋଇପଡ଼ିଥିଲା। ସାହି ସାହି ପରିକ୍ରମା କରି ସ୍ୱମନ୍ଦିରକୁ ମା' ପ୍ରତ୍ୟାବର୍ତ୍ତନ କରୁଥିବା ଦୃଶ୍ୟ, ପ୍ରତିଦିନ ମା'ଙ୍କ ଦର୍ଶନ ଏବଂ ଭୋଗ ପାଇଁ କାକରା, ଖେଚୁଡ଼ି, ମଣ୍ଡା ଆଣୁଥିବା ମହିଳା, ପୁରୁଷ ଭକ୍ତଙ୍କ ମଧ୍ୟରେ ଏକପ୍ରକାର ଉତ୍ସାହ ଦେଖିବାକୁ ମିଳିଥିଲା।

### ଜାତୀୟ ସଂହତି ଶିବିରରେ ନୀଳମାଧବଙ୍କ କୃତିତ୍ୱ

ସୋରଡା,୧୧।୬(ଡି.ଏନ୍.ଏ.) ଭାରତ ସରକାରଙ୍କ ତରଫରୁ ଜୁନ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ର ତଥା ଗଞ୍ଜାମ ଜିଲା ସୋରଡ଼ା ବ୍ଲକର ପଦ୍ମପୁର ଗ୍ରାମର ଏନ. ଭାଲୁ ପାତ୍ର ଓ ଏନ. ଝୁନୁ ପାତ୍ରଙ୍କ ପୁତ୍ର ଯୁବ ସାମାଜିକ କର୍ମୀ ଏନ.ନୀଳମାଧବ ସର୍ବଭାରତୀୟ ସ୍ତରରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ କୁନ୍ଦ୍ରା କଲେଜର ଏନ୍ଏସ୍ଏସ କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୧୦ ସଚ୍ଛୋସେବୀ ଯୋଗ ଦେଇଥିଲେ। ଏନ.ନିଳମାଧବଙ୍କ ଏହି ସଫଳତା ଲାଗି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, ନୂଆଦିଲ୍ଲୀ ସ୍ଥିତ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଉପଦେଷ୍ଟା ଡ. କମଲ କୁମାର କର ଏବଂ ଭୁବନେଶ୍ୱର ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ତାଙ୍କୁ ପୁରସ୍କାର ଟ୍ରଫି ସହ ମାନପତ୍ର ପ୍ରଦାନ କରିଛନ୍ତି। ଏଥିସହ କୁଳସଚିବ ପ୍ରଦୀପ କୁମାର ମିଶ୍ର, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଧ୍ରୁବ ଚରଣ ପଣ୍ଡା, ଜିଲା ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରିଣୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଶିଶୁ ସୁରକ୍ଷା ୟୁନିଟର ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୧।୬(ଡି.ଏନ୍.ଏ.)-ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ସଭାଗୃହରେ ଶିଶୁ ସୁରକ୍ଷାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗଜପତି ଜିଲା ଶିଶୁ ସୁରକ୍ଷା ପକ୍ଷରୁ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲା ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଯୋଗଦେଇ ସଭାପତିତ୍ୱ କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା, ସିଡିଏମ୍ଓ ଡାକ୍ତର ପ୍ରଦୀପ କୁମାର ପାତ୍ର, ଜିଲା ଶିକ୍ଷାଧିକାରୀ ପ୍ରୋଦ୍ଦେଷ କୁମାର ନାୟକ, ଡିଏସ୍ପି କୌଳାସ ଚନ୍ଦ୍ର ଭୁକ୍ତା, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ସୁଧୀର ସାବତ, ଚାଇଲ୍ଡଲାଇନର ସଦସ୍ୟ ହିରଣ୍ୟ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

# ନଦୀ ରାସ୍ତା ଲଟାବୁଦା ଆବର୍ଜନାରେ ପରିପୂର୍ଣ୍ଣ

## ସଫା କରିବାକୁ ଦାବି କଲେ ସାହିବାସିନ୍ଦା

ଜି.ଉଦୟଗିରି,୧୧।୬(ଡି.ଏନ.ଏ.)

ଜି.ଉଦୟଗିରି ଏନ୍ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ହାତୀଶାଳ ସାହିରେ ଜନସାଧାରଣ ନଦୀକୁ ଯିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ସିମେଣ୍ଟ ପାହାଚ କରାଯାଇଥିଲା। କିନ୍ତୁ ଜନ ସଚେତନତା ଅଭାବ ଏବଂ ଏନ୍ଏସିର ସୁପରିଚାଳନା ଅଭାବ ଯୋଗୁ ଏବେ ଏହି ରାସ୍ତା ବ୍ୟବହାର ଯୋଗ୍ୟ ହୋଇ ରହିନି। ରାସ୍ତା ସାରା ଲଟାବୁଦା ସହିତ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ଫଳରେ ସାହିବାସିନ୍ଦା ନିତ୍ୟ ବ୍ୟବହାରରୁ ବଞ୍ଚିତ ହୋଇଛନ୍ତି। ଏହା ସହିତ ଏବେ ନର୍ଦ୍ଦମା ପାଣି, ଦୂଷିତ ପାଇଖାନା ପାଣି ଅବାଧରେ ନଦୀକୁ ଛାଡିବା ଫଳରେ ଏହି ଘାଟର ପାଣି ଆଉ ବ୍ୟବହାର ଯୋଗ୍ୟ ହୋଇ ରହିନି। ପୂର୍ବରୁ ସାହି ବାସିନ୍ଦା ଏହି ଘାଟର ପାଣି ବ୍ୟବହାର କରୁଥିବା ବେଳେ ବର୍ତ୍ତମାନ ଏହା ଗାଧୋଇବା ଯୋଗ୍ୟ ହୋଇ ରହିନି। ଗାଧେଇବା ଦ୍ୱାରା ଚର୍ମ ରୋଗର ଶିକାର ହେଉଛନ୍ତି ଲୋକେ। ତେଣୁ ଏନ୍ଏସି କର୍ତ୍ତୃପକ୍ଷ ଏହି ନଦୀବନ୍ଧ ରାସ୍ତାକୁ ସଫା କରିବା ସହିତ ନର୍ଦ୍ଦମା, ପାଇଖାନା ପାଣି ନଦୀରେ ନ ଛାଡିବା ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି। ଏ ସମ୍ପର୍କରେ ଏନ୍ଏସିର ନବ ନିର୍ବାଚିତ ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ରଙ୍କୁ ପଚାରିବାରୁ ଏହି ସମସ୍ୟା ମୋ ଦୃଷ୍ଟିକୁ ଆସିନି, ଯଦି ସେମିତି ସମସ୍ୟା ଅଛି ତେବେ ଅତିଶୀଘ୍ର ପ୍ରଥମେ ଲଟାବୁଦା ସଫା କରାଯିବ ଏବଂ ସାହିର ଡ୍ରେନ ପାଣି ନଦୀ ଘାଟରେ ନ ପଡିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ଲଟାବୁଦା ଆବର୍ଜନାରେ ପରିପୂର୍ଣ୍ଣ ନଦୀ ରାସ୍ତା।

ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ସିବିଆଇ ତଦନ୍ତ ଦାବି ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ବ୍ରହ୍ମପୁର ଅଫିସ,୧୧।୫

ମେ ୩୦ ଓ ଜୁନ ୩ ପୃଥକ ଦିନରେ ଦୁଇ ଦୁଇ ଜଣ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟଣା ଏବେ ରହସ୍ୟ ଘେରରେ ରହିଛି। ଏହାର ସିବିଆଇ ତଦନ୍ତ ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଇନ୍ଦ୍ରାକ୍ଷୀ ଗ୍ରାମର ଭଗବାନ ବେହେରା ଓରଫ୍ ମିଟୁଙ୍କର ପୋଲିସ ମାଡ଼ରେ ମୃତ୍ୟୁ ଘଟିଥିଲା। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ଭାରତୀୟ ବିକାଶ ପରିଷଦ ତରଫରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ବେଆଇନ ମଦ କାରବାର ଅଭିଯୋଗରେ ଗତ ୧ ତାରିଖରେ ଗୋଳନ୍ଥରା ଥାନା ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରେ ମିଟୁ ଥିଲେ। ମିଟୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଗତ ୩ ତାରିଖରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏମ୍କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଓ କେତେକ ମଦ ମାଫିଆ ମାଡ଼ ମାରିବାରୁ ମିଟୁଙ୍କ ମୃତ୍ୟୁ ଘଟିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଘଟଣାରେ ତାଙ୍କ ସ୍ତ୍ରୀ ଥାନାରେ ୩ଜଣଙ୍କ ବିରୋଧରେ ଏତଲା ଦେଇଥିଲେ।

ସେହିପରି ଅନ୍ୟ ଦୁଇଜଣ ଅଭିଯୁକ୍ତ ମୋହନ ବେହେରା ଓ କ୍ରିଷ୍ଣା ରେଡ୍ଡୀଙ୍କୁ ଲୁହା ଶିକୁଳିରେ ବାନ୍ଧି ମେଡିକାଲରେ ଚିକିତ୍ସା କରାଇବା ମାନବ ଅଧିକାରର ଉଲ୍ଲଂଘନ ହୋଇଥିବା ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ଅନ୍ୟପଟେ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବାରୁ ଗତ ୫ତାରିଖରେ ମିଟୁଙ୍କ ସ୍ତ୍ରୀ ତାଙ୍କର ଏତଲା ପ୍ରତ୍ୟାହାର କରି ନେଇଥିଲେ। ମିଟୁଙ୍କ ମୃତ୍ୟୁ ପାଇଁ ପୋଲିସ ଓ ମଦ ମାଫିଆମାନେ ହିଁ ଦାୟୀ। ଏଣୁ ଏହି ଘଟଣାର ସତ୍ୟତା ବାହାର କରିବା ପାଇଁ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ସୁରେନ୍ଦ୍ର ହାଇକୋର୍ଟରେ ଆବେଦନ କରିଛନ୍ତି। ଏହା ସହିତ ମୃତ ମିଟୁଙ୍କ ପରିବାରବର୍ଗଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ଭାରତୀୟ ବିକାଶ ପରିଷଦ ଅନୁରୋଧ କରିଛି। ପରିଷଦ ତରଫରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

## ୩ ମନ୍ତ୍ରୀଙ୍କ ସହ ଏମ୍ପିଙ୍କୁ ଭେଟିଲେ ଅଧ୍ୟକ୍ଷ, ଉପାଧ୍ୟକ୍ଷ

ପାରଳାଖେମୁଣ୍ଡି,୧୧।୬(ଡି.ଏନ୍.ଏ.)

ଗଜପତି ଜିଲାର ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକର ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭୁବନେଶ୍ୱରଠାରେ ନବ ନିଯୁକ୍ତ ୩ ମନ୍ତ୍ରୀ ଓ ଜଣେ ଏମ୍ପିଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ନିର୍ବାଚନ ମଣ୍ଡଳୀର ବିକାଶ ଲାଗି ଆଲୋଚନା କରିଥିବାର ଜଣାପଡିଛି। ଏଥିରେ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ନୂଆଗଡ଼ ବ୍ଲକର ଅଧ୍ୟକ୍ଷା ମାଳତୀ ପ୍ରଧାନ, ଆର୍. ଉଦୟଗିରି ବ୍ଲକର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଉପାଧ୍ୟକ୍ଷା ବିଜୟ ଲକ୍ଷ୍ମୀ ପଟନାୟକ ଓ ମୋହନା ବ୍ଲକର ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ସମେତ ଜିଲା ସଭାପତି ପ୍ରଦୀପ ନାୟକ ଓ ସତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ପ୍ରମୁଖ ଭୁବନେଶ୍ୱରଠାରେ ଏସ୍ସିଏସଟି କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଶ୍ରମ ଓ ଇଏସ୍ଆଇ ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏବଂ ରାଜ୍ୟ ସଭା ସାଂସଦ ମାନସ ମଙ୍ଗରାଜଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହ ନିର୍ବାଚନ ମଣ୍ଡଳୀର ପ୍ରଗତି ନିମନ୍ତେ ଆଲୋଚନା କରିଥିବାର ଜଣାପଡିଛି। ନବନିଯୁକ୍ତ ମନ୍ତ୍ରୀ ଓ ରାଜ୍ୟସଭା ଏମ୍ପିମାନେ ମଧ୍ୟ ବେସ ଉତ୍ସାହିତ ମନୋଭାବ ପୋଷଣ କରି ଜିଲାର ବିକାଶ ଦିଗରେ ଜାରି ରହିଥିବା କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ମନ୍ତ୍ରୀ ଓ ଏମ୍ପିଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି।

### ରୁଦ୍ରପ୍ରସାଦ ଏବିଭିପି ଜିଲା ସଂଯୋଜକ

ଫୁଲବାଣୀ ଅଫିସ, ୧୧।୬

ବାଣୀ କ୍ଷେତ୍ର ଜଗତସିଂହପୁର ଜିଲାରେ ତିନି ଦିନ ଧରି ଅନୁଷ୍ଠିତ ହେଇଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡିଶା ପ୍ରାନ୍ତର ପ୍ରାନ୍ତ ଅଭ୍ୟାସ ବର୍ଗ ଅନୁଷ୍ଠିତ ହେଇଯାଇଛି। ଏହି ବର୍ଗରେ ସାଙ୍ଗଠନିକ ଦାୟିତ୍ୱ ଘୋଷଣା କରାଯାଇଛି। କନ୍ଧମାଳ ଜିଲା ପାଇଁ ଛାତ୍ର ନେତା ରୁଦ୍ରପ୍ରସାଦ ସେଠୀଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଜିଲାର ଛାତ୍ରୀନେତ୍ରୀ ରାଜନନ୍ଦିନୀ ସାହାଣୀଙ୍କୁ ଜିଲା ସହ ସଂଯୋଜିକା, ଦିବ୍ୟରଞ୍ଜନ ଡାକୁଆଙ୍କୁ ବିଭାଗ ଏସ୍ଏଫସି ପ୍ରମୁଖ ଏବଂ ଜିଲାର ଛାତ୍ର ନେତା ଶିବାଶିଷ ପଣ୍ଡାଙ୍କୁ ପୁନଃ ଜିଲା ପ୍ରମୁଖ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀ ଦିନରେ କନ୍ଧମାଳ ଜିଲାରେ କିଭଳି ସଙ୍ଗଠନ ଆହୁରି ସୁଦୃଢ ହେବ ସେଥିପ୍ରତି କାର୍ଯ୍ୟ କରାଯିବ ବୋଲି ପଣ୍ଡା ପ୍ରକାଶ କରିଛନ୍ତି।

## ଡିଭାଇଡରରେ ପିଟି ହୋଇ ବସ୍ ଦୁର୍ଘଟଣାଗ୍ରସ୍ତ




ଘରୋଇ ରିଲିଆନ୍ସ ବସ୍ ଦୁର୍ଘଟଣାଗ୍ରସ୍ତ

ରମ୍ଭା,୧୧।୬

ରମ୍ଭା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଧର୍ମଶରଣପୁର ଗ୍ରାମ ନିକଟରେ ଏକ ଡିଭାଇଡରରେ ବାଡେଇ ହୋଇ ଏକ ଘରୋଇ ରିଲିଆନ୍ସ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଦୁଇଜଣ ଯାତ୍ରୀ ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ରିଲିଆନ୍ସ ଯାତ୍ରୀବାହୀ ବସ୍(ନଂ ଓଡ଼ି୦୨ଏ ଡି-୮୯୫୬)ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ସକାଳ ୬ ଟାରେ ରମ୍ଭା ବାଇପାସ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ରମ୍ଭା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲା। ଆମ୍ବୁଲାନ୍ସରେ ଦୁଇ ଆହତ ଯାତ୍ରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା।

## ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ଉପଲକ୍ଷେ କୃଷକ ସମାବେଶ

ବୁଗୁଡ଼ା,୧୧।୬(ଡି.ଏନ.ଏ.)

ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ ବର୍ଷ ଶାସନ ପୂର୍ତ୍ତି ଅବସରରେ ଶନିବାର ବୁଗୁଡ଼ା ବ୍ଲକ ଗୋଳାବନ୍ଧ ଶିବ ମନ୍ଦିରରେ ଭାଜପା ପକ୍ଷରୁ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଳିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ କୃଷକ ମୋର୍ଚ୍ଚା ପ୍ରଭାରୀ ରାଜେଶ କୁମାର ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ରବୀନ୍ଦ୍ର କୁମାର ପାତ୍ର, ଜିଲା ଉପସଭାପତି ପ୍ରଭାକର ପଣ୍ଡା, ନୀଳମଣି ବିଷୋୟୀ, ବିନାୟକ ତିଆଡ଼ି, ରଞ୍ଜନ ପଲାଇ, ଭଗବାନ ପଣ୍ଡା, ଜୟନ୍ତୀ ପଢ଼ିଆରୀ, ଗଙ୍ଗାଧର ନାୟକ, ସୂର୍ଯ୍ୟ ନାରାୟଣ ମହାନ୍ତି, ହରିକୃଷ୍ଣ ସାହୁ ଓ ସୁଶାନ୍ତ କୁମାର ଡାକୁଆଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ନରେନ୍ଦ୍ର ମୋଦିଙ୍କ ଶାସନ କ୍ଷମତାକୁ ଆସିବା ପରେ ଅନେକ କୃଷି କଲ୍ୟାଣ ଯୋଜନା ଆରମ୍ଭ କରିବା ସହ ପ୍ରତିବର୍ଷ ଏମ୍ଏସ୍ପି ଦର ବୃଦ୍ଧି କରି କୃଷକମାନଙ୍କ ଆର୍ଥିକ ଉନ୍ନତି ଲାଗି ବହୁ କଲ୍ୟାଣକାରୀ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଏପରିକି ୮ ବର୍ଷ ଶାସନ କାଳ ମଧ୍ୟରେ ମୋଦି ସରକାର ଶିକ୍ଷା, ଅର୍ଥ, ବୈଦେଶିକ, କୃଷି, ସାମାଜିକ ସୁରକ୍ଷା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମହିଳାମାନଙ୍କୁ ଦେବା ସହ ଆତ୍ମନିର୍ଭର ଭାରତ ଗଠନରେ କୃଷକ ଓ ମହିଳାମାନଙ୍କ ଭୂମିକାକୁ ଅତ୍ୟନ୍ତ ଗୁରୁତ୍ୱ ଦେଉଥିବା ସେମାନେ କହିଥିଲେ। ଫଳରେ ଭାରତ ସାରା ପୃଥିବୀରେ ପ୍ରଶଂସନୀୟ ହୋଇପାରିଛି ବୋଲି ନେତୃମଣ୍ଡଳୀ ଆଲୋଚନା କରିଥିଲେ। ସମାବେଶରେ ଭାଜପା କର୍ମକର୍ତ୍ତାମାନଙ୍କ ବହୁ କର୍ମୀ ଓ ଚାଷୀ ଯୋଗ ଦେଇଥିଲେ।

## ପାଲୁର ତାଲୁକା ବାଉରି ସମାଜର ଜରୁରିକାଳୀନ ବୈଠକ

ରମ୍ଭା,୧୧।୬

ଶୁକ୍ରବାର ପାଲୁର ତାଲୁକା ବାଉରି ସମାଜର ଜରୁରିକାଳୀନ ବୈଠକ ଗୋବର୍ଦ୍ଧନ ପାହାନଙ୍କ ସଭାପତିତ୍ୱରେ ଅଧିଷ୍ଠାତ୍ରୀ ଦେବୀ ମା' ଚାମୁଣ୍ଡା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୀତି ନିର୍ଦ୍ଧାରଣ ପ୍ରକାରେ ବଂଶ ଓ କୁଳର ମର୍ଯ୍ୟାଦା ରକ୍ଷାକରି ଆଲୋଚନା ହୋଇଥିଲା। କାର୍ଯ୍ୟସୂଚୀ ପ୍ରକାରେ ବିବାଦୀୟ ବା ବହୁଦିନ ଧରି କୌଣସି କାରଣରୁ ବାହାଡାପଲ୍ଲୀ ଗ୍ରାମ ପାଲୁରଗଡ଼ ତାଲୁକାରୁ ବିଦାୟ ହୋଇଥିଲେ। ଉପରୋକ୍ତ ସମସ୍ୟାକୁ ନେଇ ବିରୁଳି ତାଲୁକାରେ ସାମିଲ ହୋଇଥିବା ବାହାଡାପଲ୍ଲୀ ଗ୍ରାମବାସୀ ଭଲଭାୟା ଯୋଗୀ ଦାସ ଓ ସଭାପତି ଗନ୍ତେଇ ଦାସଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ପାଲୁର ତାଲୁକା ସଭାପତିଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରକୁ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ବରିଷ୍ଠ କର୍ମକର୍ତ୍ତାମାନଙ୍କ ନିଷ୍ପତ୍ତି ପ୍ରକାରେ ବାହାଡାପଲ୍ଲୀ ଗ୍ରାମବାସୀଙ୍କୁ ପୁନର୍ବାର ସାମିଲ ସହ ଜିଲା କମିଟି ସାତ ଦିନ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଆୟୋଜିତ ବୈଠକରେ ଗଞ୍ଜାମ ଜିଲା ବାଉରୀ ତଥା ବାଲ୍ମୀକି ଦାସ, ଜିଲା ସଭାପତି ଶୂନ୍ୟ ଚନ୍ଦ୍ର ଦାସ, ଜିଲା ସଙ୍ଗଠକ ଅମର ନାହାକ, ଜିଲା ସମ୍ପାଦକ କୀର୍ତ୍ତନ ଦାସ, ଜିଲା ସାଧାରଣ ସମ୍ପାଦକ ହୀନ ନାହାକ, ତେର ସ୍ଥାନ ସଭାପତି ରଙ୍କନିଧି ଦାସ, ତେର ସ୍ଥାନ କୋଷାଧ୍ୟକ୍ଷ ସନାତନ ଦାସ, ପୂର୍ବଖଣ୍ଡ କାର୍ଯ୍ୟକାରୀ ସଭାପତି ଯୁବନେତା ସୁକାନ୍ତ କୁମାର ଦାସ ସମେତ ପାଲୁର ହଂସପୁର, ଦ୍ୱାର ସାହି, ବଡ଼ ସାହି, ବାଦ ପଲ୍ଲୀ, ଝାଟିପଦର, ଗଡ଼ହୁମ୍ପା, ଶତ୍ରୁଷୋଲ, ସୁବଳୟା ଏବଂ ବାହାଡାପଲ୍ଲୀ ଗ୍ରାମର ସମସ୍ତ ଗ୍ରାମ୍ୟ କମିଟି ଓ ସଭାପତିମାନେ କର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶେଷରେ ମହୁରୀ ତାଲୁକାର ସାଧାରଣ ସମ୍ପାଦକ ତଥା ଅବସର ପ୍ରାପ୍ତ ସୈନିକ ରାମହରି ଦାସ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ପାଣି ପାଇଁ ରାସ୍ତାରୋକୋ



ଗ୍ରାମବାସୀଙ୍କ ରାସ୍ତାରୋକୋ।

କବିସୂର୍ଯ୍ୟନଗର,୧୧।୬(ଡି.ଏନ.ଏ.)

ପାଣି ପାଇଁ ରାଜ ରାସ୍ତାକୁ ଓହ୍ଲାଇଲେ ଲୋକେ। ମିଳୁନି ପାଣି ହାହା କାର ହୋଇ ପ୍ରଶାସନକୁ ଜଣାଇବା ପରେ ବି ମିଳିଲାନି ପାଣି। କବିସୂର୍ଯ୍ୟନଗର ବ୍ଲକ ଆଠଗଡ ପାଟଣା କାଳୀମନ୍ଦିର ଛକଠାରେ ପାଣି ପାଇଁ ଶନିବାର ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଆଠଗଡ଼ ପାଟଣା ସରପଞ୍ଚ ଓ ଆଦିତ୍ୟ ତ୍ରିପାଠୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପାଣି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ ଲୋକେ। ସୂଚନାଯୋଗ୍ୟ, ଆଠଗଡ ପାଟଣାର ଗୋଟିଏ ୱାର୍ଡକୁ ପାଣି ମିଳୁନି। ସେଥିପାଇଁ ପଞ୍ଚାୟତ ଓ ଜଳ ଯୋଗାଣ ବିଭାଗ ନୂତନ ପ୍ରକଳ୍ପ ପାଇଁ ଯୋଜନା କରି ଅନୁମୋଦନ ପାଇଁ ପଠାଇବା ପରେ କାମ ଆରମ୍ଭରେ ବିଳମ୍ବ ଘଟିଛି। ଏଣୁ ଶୀଘ୍ର ପାଣି ଯୋଗାଇବା ଲାଗି ପଦକ୍ଷେପ ନେବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ।

### ମହାମାୟୀ ଯାତ୍ରା ପ୍ରଥମ ଦିନରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ସଂଗୃହୀତ

କବିସୂର୍ଯ୍ୟନଗର,୧୧।୬(ଡି.ଏନ.ଏ.)

କବିସୂର୍ଯ୍ୟନଗର ଐତିହାସିକ ମା' ମହାମାୟୀଙ୍କ ଯାତ୍ରା ଅତି ଶାନ୍ତିପୂର୍ଣ୍ଣ ଭାବରେ ଗତ ମେ୧୩ରୁ ଜୁନ ୬ତାରିଖ ମଧ୍ୟରେ ସମାହିତ ହୋଇଯାଇଛି। ପ୍ରତି ସାହିରେ ଆକର୍ଷଣୀୟ ମେଢ଼ ସାଙ୍ଗକୁ ରାମଦୋଳି, ଅପେରା ଆଦି ଲୋକଙ୍କୁ ବେଶ ଅମୋଦିତ କରିଥିଲା। ଦେଶିବେହେରା ସାହିରେ ଅବସ୍ଥିତ ଅସ୍ଥାୟୀ ଗୃହରେ ମା'ଙ୍କ ହୁଣ୍ଡିରେ ଦାନ ସ୍ୱରୂପ ଅନେକ ବେଶଧାରୀ, ମାନସିକଧାରୀ, ଶ୍ରଦ୍ଧାଳୁ ଦାନ କରିଥିଲେ। ପ୍ରଥମ ଦିନରେ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ସଂଗୃହୀତ ହୋଇଛି। ଏହା ତିନି ଦିନ ବ୍ୟାପି ଚାଲିବ ଓ ସଂଗୃହିତ ଦାନ ପ୍ରାୟ ୧୮ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କମିଟି ପକ୍ଷରୁ ଅନୁମାନ କରାଯାଉଛି। ମହାମାୟୀ ମନ୍ଦିର ଟ୍ରଷ୍ଟ ସଭାପତି ବିଜୟ କହଁରଙ୍କ ତତ୍ତ୍ୱାବଧାନରେ କମିଟି ସଦସ୍ୟ କୃପାସିନ୍ଧୁ ସ୍ୱାଇଁ, ଟିଂ.ଶଶୀଶେଖର ପାତ୍ର, ଲିଙ୍ଗରାଜ ନାୟକ, ରବୀନ୍ଦ୍ର ପରିଡ଼ା, ଦୁଷ୍ମନ୍ତ ଜେନା, ସୁଦର୍ଶନ ପ୍ରଧାନ, ଡି. ଭାସ୍କର ପାତ୍ର, ଇନ୍ଦ୍ରମଣି ଜେନା, ସୁବାସ ଚନ୍ଦ୍ର ଜେନା, ସୁଶାନ୍ତ ସ୍ୱାଇଁ, ମନୁ ସ୍ୱାଇଁ ଓ ଦେଶିବେହେରା ଲିଙ୍ଗରାଜ ପାତ୍ର ପ୍ରମୁଖ ଦାନ ହୁଣ୍ଡି ଗଣତି କରିଥିଲେ।

## ରଥଯାତ୍ରାରେ ଯୋଗଦେବା ପାଇଁ ରାଜାଙ୍କୁ ନିମନ୍ତ୍ରଣ

ସୋରଡା,୧୧।୬(ଡି.ଏନ୍.ଏ.)

ସୋରଡା ଜଗନ୍ନାଥଙ୍କ ସ୍ନାନ ଯାତ୍ରା, ରଥ ଯାତ୍ରା ଓ ବାହୁଡା ଯାତ୍ରା ପାଇଁ ସୋରଡ଼ା ଖିଡିସିଙ୍ଗି ରାଜ ବଂଶ ଦାୟାଦ ତଥା ରାଜା ସାହେବ ଡା ଦେବଦତ୍ତ ସିଂ ଦେଓଙ୍କୁ ନିମନ୍ତ୍ରଣ କରାଯାଇଛି। ସୋରଡ଼ା ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ଟ୍ରଷ୍ଟି ତରଫରୁ ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ତରଫରୁ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱର ରାଜା ସାହେବଙ୍କ ନିଜସ୍ୱ ବାସ ଭବନରେ ପହଞ୍ଚି ନିମନ୍ତ୍ରଣ କରିଛନ୍ତି। ମଙ୍ଗଳବାର ରାଜସାହେବ ସ୍ନାନ ଯାତ୍ରାରେ ଯୋଗଦେବା ସହ ରଥଯାତ୍ରା ଓ ବାହୁଡା ଯାତ୍ରାରେ ମଧ୍ୟ ଯୋଗଦେଇ ରୀତି ନୀତିସମ୍ପର୍ଣ୍ଣକରିବେ। ଏହିଅବସରରେ ମନ୍ଦିର ପରିଚାଳନା, ରଥ ପ୍ରସ୍ତୁତି, ସ୍ନାନ ମଣ୍ଡପ ପ୍ରସ୍ତୁତି ଆଦି ବିଷୟ ଉପରେ ଆଲୋଚନା କରିଥିଲେ ରାଜା। ଜଗନ୍ନାଥଙ୍କ ରଥର ମରାମତି ବର୍ତ୍ତମାନ ସୁଦ୍ଧା ଆରମ୍ଭ ହେଇନଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ପ୍ରସ୍ତୁତି କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି ବିଶ୍ରୁ ମହାରଣା ପରିବାରର ପ୍ରଦୀପ ମହାରଣା। ଦୁଇ ବର୍ଷ ବ୍ୟବଧାନ ପରେ ବର୍ତ୍ତମାନ ରଥ ଯାତ୍ରା ହେବାକୁ ଥିବା ବେଳେ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନର ସହଯୋଗ କାମନା କରିଛନ୍ତି ରାଜା। ଚଳିତ ବର୍ଷ ରାଜ ପରିବାରର ରାଣୀ ଅନୁସୃତା ସିଂ ଦେଓଙ୍କ ସହ, ରାଜ କୁମାର ଓ ରାଜ କୁମାରୀ ମଧ୍ୟ ଯୋଗ ଦେବାର ସମ୍ଭାବନା ରହିଛି।

### ବଦଳିଲେ ଉମରକୋଟ ଥାନାଧିକାରୀ

ଉମରକୋଟ, ୧୧।୬(ସ୍ୱ.ପ୍ର.)

ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନଙ୍କ ବଦଳି ହୋଇଯାଇଛି। ସେ ନବରଙ୍ଗପୁର ଥାନାଧିକାରୀଭାବେ ଯୋଗଦେବେ। ତାଙ୍କ ସ୍ଥାନରେ ନବରଙ୍ଗପୁର ପୋଲିସ ମୁଖ୍ୟାଳୟରୁ ଇନ୍ସପେକ୍ଟର ଦୀପକ କୁମାର ଜେନା ଉମରକୋଟ ଥାନାର ନୂତନ ଆଇଆଇସି ଭାବେ ଯୋଗଦେଇଛନ୍ତି। ନରେଶ ପ୍ରଧାନ ଉମରକୋଟ ଥାନାଧିକାରୀଭାବେ ଜୁନ୍ ୨୦୨୦ରେ ଯୋଗଦେଇଥିଲେ। ସେହିପରି ଉମରକୋଟ ଥାନାର ଅତିରିକ୍ତ ଆଇଆଇସି ଲିମାରାଜ ପ୍ରଧାନଙ୍କର ମଧ୍ୟ ବଦଳି ହୋଇଯାଇଛି। ତାଙ୍କୁ ଖାତିଗୁଡ଼ା ଥାନାଧିକାରୀଭାବେ ବଦଳି କରାଯାଇଛି।